RNI No.ODIODI/2010/33031
୧୦ମ ବର୍ଷ Volume- 10
ସଂଖ୍ୟା- ୮୩ Issue- 83
ଭୁବନେଶ୍ୱର, ଗୁରୁବାର ୦୬ ଜୁନ୍ ୨୦୧୯
Bhubaneswar, Thursday 06 June 2019
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଚଳିତ ବିଶ୍ୱକପ୍ କ୍ରିକେଟର ଭାରତର ପ୍ରଥମ ମ୍ୟାଚ (ଭାରତ ବନାମ ଦକ୍ଷିଣ ଆଫ୍ରିକା)ରେ ଶତକ ହାସଲ କରିବା ପରେ ଏକ ଉଲ୍ଲସିତ ମୁହୂର୍ତ୍ତରେ ରୋହିତ ଶର୍ମା ।



# ପ୍ରକାଶ ପାଇଲା ନିଟ୍ ରେଜଲ୍ଟ

# ରାଜସ୍ଥାନର ନଳିନ ଖଣ୍ଡେଲୱାଲ ଟପ୍ପର

## - ଓଡିଶାରୁ ୧୯୨୪୪ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ
## - ମହିଳା ଟପ-୨୦ରେ ଓଡିଶାରୁ ସଙ୍ଗୀତା ଅଗ୍ରୱାଲ

ଭୁବନେଶ୍ୱର,୫।୬ (ନି.ପ୍ର) : ସର୍ବ ଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ଏନଇଇଟି) ରେଜଲ୍ଟ ବୁଧବାର ପ୍ରକାଶ ପାଇଛି। ଚଳିତ ଥର ରାଜସ୍ଥାନର ଛାତ୍ର ନଳିନ ଖଣ୍ଡେଲୱାଲ ମୋଟ୍ ୭୨୦ ନମ୍ବରରୁ ୭୦୧ ମାର୍କ ରଖି ଟପ୍ପର ହୋଇଛନ୍ତି। ସେହିପରି ଦିଲ୍ଲୀର ଭାବିକ ବଂଶଲ ଓ ୟୁପିର ଅକ୍ଷତ କୌଶିକ୍ ୭୦୦ ମାର୍କ ରଖି ଦ୍ୱିତୀୟ ଟପ୍ପର ହୋଇଛନ୍ତି। ହରିୟାନାର ସ୍ୱସ୍ତିକ୍ ଭାଟିଆ ୬୯୬ ମାର୍କ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ତେଲେଙ୍ଗାନାର ଛାତ୍ରୀ ମାଧୁରୀ ରେଡ୍ଡୀ ସର୍ବ ଭାରତୀୟ ର୍ୟାଙ୍କ୍ ରେ ୬୯୫ ରଖି ୭ମ ସ୍ଥାନରେ ଥିବା ବେଳେ ଛାତ୍ରୀ ମାନଙ୍କ ମଧ୍ୟରେ ଟପ୍ପର ହୋଇଛନ୍ତି। ଶ୍ରେଷ୍ଠ ୧୦୦ ଜଣଙ୍କ ମଧ୍ୟରେ ୨୦ ଜଣ ଛାତ୍ରୀ ରହିଥିବା ଜଣାପଡିଛି।ଓଡିଶାର ସଙ୍ଗୀତା ଅଗ୍ରୱାଲ ଶ୍ରେଷ୍ଠ-୨୦ ମହିଳା ବର୍ଗରେ ସ୍ଥାନ ପାଇ ୧୭ତମ ସ୍ଥାନରେ ରହିଛନ୍ତି। ଅଣ ସଂରକ୍ଷିତ ବର୍ଗର ଏହି ପରୀକ୍ଷାର୍ଥୀ ମୋଟ ୬୮୦ ନମ୍ବର ରଖିଥିବା ବେଳେ ତାଙ୍କ ନମ୍ବର ପ୍ରତିଶତ ରହିଛି ୯୯.୯୯୧୮୪୮୩. । ତାଙ୍କର ସର୍ବଭାରତୀୟ ର୍ୟାଙ୍କ ରହିଛି ୯୧। ଜାତୀୟ ଟେଷ୍ଟିଂ ଏଜେନ୍ସି (ଏନଟିଏ)ତରଫରୁ ଜାତୀୟ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା(ସ୍ନାତକ)-୨୦୧୯ର ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଓଡିଶାରୁ ୫୯.୪୪ ପ୍ରତିଶତ ହାରରେ ୧୯୨୪୪ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଛନ୍ତି। ରାଜ୍ୟରୁ ମୋଟ ୩୫୦୯୩ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ପାଇଁ ପଞ୍ଜିକୃତ କରିଥିଲା ବେଳେ ୩୨୩୭୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ଏବଂ ୨୭୧୫ ଜଣ ଅନୁପସ୍ଥିତ ଥିଲେ। ୨୦୧୮ରେ ଓଡିଶା ପାଇଁ ପରୀକ୍ଷାଫଳ ୬୦.୬୮ ପ୍ରତିଶତ ଥିଲାବେଳେ ଚଳିତ ବର୍ଷ ପାସ ହାରରେ ହ୍ରାସ ଘଟିଛି। ଓଡିଆ ଭାଷାରେ ମୋଟ ୭୦୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେହିପରି ଦେଶରେ ମୋଟ ୧୫୧୯୩୭୫ ପରୀକ୍ଷାର୍ଥୀ ପଂଜୀକୃତ କରିଥିଲାବେଳେ ୧୪୧୦୭୫୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ଓ ୫୬.୫୦ପ୍ରତିଶତ ହାରରେ ୭୯୭୦୪୨ ଜଣ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଛନ୍ତି। ଗତବର୍ଷ (୫୬.୨୭ ପ୍ରତିଶତ) ତୁଳନାରେ ଚଳିତ ବର୍ଷର ପାସ ହାର ଉନ୍ନତ ରହିଛି। ଦିଲ୍ଲୀର ପାସ ହାର ସର୍ବାଧିକ ୭୪.୯୨ ପ୍ରତିଶତ ରହିଛି। ଦିଲ୍ଲୀରୁ ମୋଟ ୩୦୨୧୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲା ବେଳେ ୨୨୬୩୮ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ନାଗାଲାଣ୍ଡରେ ସର୍ବନିମ୍ନ ପାସହାର ୩୪.୫୨ ରହିଛି ।

ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଚଳିତ ଥର ୫ ଜଣ ତୃତୀୟ ଲିଙ୍ଗ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏନଟିଏ ତରଫରୁ ଜାତୀୟ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା(ସ୍ନାତକ)-୨୦୧୯ ଦେଶବ୍ୟାପୀ ମେ ୫ ତାରିଖ ଦିନ ଆୟୋଜିତ କରାଯାଇଥିଲା। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଭାରତୀୟ ମେଡିକାଲ କାଉନସିଲ/ ଭାରତୀୟ ଡେଂଟାଲ କାଉନସିଲ ଅନୁମୋଦିତ ମେଡିକାଲ, ଡେଂଟାଲ କଲେଜରେ ଏମବିବିଏସ/ବିଡିଏସ କଲେଜରେ ଆଡମିଶନ ପାଇଁ ଏହି ପରୀକ୍ଷାର ଆୟୋଜନ କରାଯାଇଥାଏ।

ଏହି ପରୀକ୍ଷା ମାଧ୍ୟମରେ ଯୋଗ୍ୟ ବିବେଚିତ ପରୀକ୍ଷାର୍ଥୀ ସର୍ବଭାରତୀୟ କୋଟା ଆସନ, ରାଜ୍ୟ ସରକାର କୋଟା ଆସନ, ରାଜ୍ୟ ମ୍ୟାନେଜମେଂଟ, ଘରୋଇ ମେଡିକାଲରେ ଏନଆରଆଇ କୋଟା ଆସନ, ଡେଂଟାଲ କଲେଜ, କୌଣସି ଘରୋଇ ଡିମ୍ଡ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ପୁଲ କୋଟା ଆସନରେ ନାମ ଲେଖାଇ ପାରିବେ। ଭାରତୀୟ ନାଗରିକ, ପ୍ରବାସୀ ଭାରତୀୟ, ବିଦେଶୀ ନାଗରିକତ୍ୱ ଗ୍ରହଣ କରିଥିବା ଭାରତୀୟ, ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି ଏବଂ ବିଦେଶୀ ନାଗରିକ ନିଟ ପରୀକ୍ଷା ଦେଇ ପାରିବେ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପାରାଦୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ୫କୋଟି ଟଙ୍କା ଦାନ



*ବାତ୍ୟା ଫନି ବିପର୍ଯ୍ୟସ୍ତ ଅଞ୍ଚଳରେ ଥଇଥାନ ଓ ପୁନଃନିର୍ମାଣ ପାଇଁ ପାରାଦୀପ ପୋର୍ଟ ଟ୍ରଷ୍ଟର ଅଧ୍ୟକ୍ଷ ରିଙ୍କେଶ ରୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ୫କୋଟି ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି ।*

## ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୬ ଗୁରୁତର

ନୂଆପଡା, ୫।୬ (ନି.ପ୍ର) : ନୂଆପଡା ଜିଲ୍ଲା ସିନାପାଲି ବ୍ଲକର ନିଲଜୀ ପଞ୍ଚାୟତର ଗଡ୍ରାମାଲ ଗ୍ରାମରେ ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୬ ଜଣ ଗୁରୁତର ହୋଇଛନ୍ତି । ସେମାନଙ୍କୁ ପ୍ରଥମେ ସିନାପାଲି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଖଡିଆଳ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଛି ।

ବର୍ତ୍ତମାନ ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ଖଡିଆଳ ଡାକ୍ତରଖାନା ସୂତ୍ରରୁ ପ୍ରକାଶ । ସୂଚନା ମତେ ଚତ ୨/୩ ପୂର୍ବେ ହୋଇଥିବା ବର୍ଷାରେ ଦେବାନନ୍ଦ ବାଗଙ୍କ ଘର ଛାତ ଉପରେ ଛତୁ ଫଳିଥିଲା । ପରିବାର ଲୋକେ ଏହି ଛତୁକୁ ଆଣି ରୋଷେଇ କରି ଖାଇଥିଲେ । ଖାଇବା ପରେ ସମସ୍ତେ ଅସୁସ୍ଥ ଅନୁଭବ କରିବାରୁ ସ୍ଥାନୀୟ ଲୋକେ ଡାକ୍ତରଖାନାରେ ଭର୍ତି କରିଛନ୍ତି । ଏହି ବିଷାକ୍ତ ଛତୁ ଖାଇ ଦେବାନନ୍ଦ ବାଗ(୪୦), ସ୍ତ୍ରୀ ଇଶ୍ୱରୀ ବାଗ(୩୫), ଝିଅ ପାୟଲ ବାଗ(୧୪), ଆଚଲ ବାଗ(୧୨), ଗୁନଗୁନ ବାଗ(୭) ଏବଂ ଶ୍ରଦ୍ଧା(୪) ଅସୁସ୍ଥ ହୋଇ ପଡିଥିଲେ ।

# ରାଜ୍ୟ ବ୍ୟାପୀ ଇଦ୍ ପାଳିତ

ଭୁବନେଶ୍ୱର,୫।୬ (ନି.ପ୍ର) : ପବିତ୍ର ଇଦ୍ ପର୍ବ ସାରା ରାଜ୍ୟରେ ଧୁମ ଧାମ୍ ରେ ପାଳିତ ହୋଇଯାଇଛି। ମୁସଲମାନ ସମ୍ପ୍ରଦାୟର ଲୋକମାନେ ନୂଆ ପୋଷାକ ପରିଧାନ କରି ପ୍ରତ୍ୟୁଷରୁ ମସଜିଦ୍ ଯାଇ ସମ୍ମୁହ ନମାଜ ପାଠ କରିଥିଲେ। ପରେ ପରସ୍ପରଙ୍କୁ ଆଲିଙ୍ଗନ କରି ଇଦ୍ ର ଶୁଭେଚ୍ଛା ଜଣାଇଥିଲେ । ଇଦ୍ ପାଇଁ ମସଜିଦ୍ ଗୁଡିକରେ ପ୍ରବଳ ଭିଡ ଯୋଗୁଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ଅନ୍ୟମକ୍ଷରେ ମହିଳାମାନେ ଘରେ ନମାଜ ପାଠ କରିଥିଲେ। ଦୀର୍ଘ ୧ ମାସ ଧରି ରୋଜା ବା ଉପବାସ ରଖିବା ପରେ ଆଜି ଇଦ୍ ପାଳନ କରାଯାଇଛି।

ଇଦ୍ ପାଇଁ ଭୁବନେଶ୍ୱରର ୟୁନିଟ୍ ୪ ସ୍ଥିତ ମସଜିଦ୍ , ୟୁନିଟ୍ ୩ , ୟୁନିଟ୍ ୮ , ସତ୍ୟନଗର ସ୍ଥିତ ମସଜିଦ୍ ରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ଭଦ୍ରକ , କେନ୍ଦ୍ରାପଡା , ରାଉରକେଲା , କଟକ , ସମ୍ବଲପୁର, ପିପିଲି , ଖୋର୍ଦ୍ଧା ,କେନ୍ଦୁଝର , ଯାଜପୁର, ବଲାଙ୍ଗୀରରେ ମଧ୍ୟ ଇଦ୍ ପର୍ବ ଧୁମଧାମ୍ ରେ ପାଳନ କରାଯାଇଛି।



## କ୍ୟାପିଟାଲ ହସ୍ପିଟାଲରେ ଦାନ୍ତ ଫିଲିଂ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୬ (ନି.ପ୍ର) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ପୂର୍ବାହ୍ନରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଯାଇ ଦନ୍ତ ଚିକିତ୍ସା କରାଇଛନ୍ତି। କ୍ୟାପିଟାଲ ହସ୍ପିଟାଲ ଡାକ୍ତର ସୌମେନ୍ଦ୍ର ଷଡଙ୍ଗୀଙ୍କ ଦ୍ୱାରା ସେ ଫିଲିଂ କରାଇଥିଲେ। ପ୍ରାୟ ୧ ଘଂଟା କାଳ ମୁଖ୍ୟମନ୍ତ୍ରୀଙ୍କ ଚିକିତ୍ସା ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଚିକିତ୍ସା କରିଥିବା ଡାକ୍ତର କହିଛନ୍ତି ଯେ ଗତ ଡିସେମ୍ବରରେ ମୁଖ୍ୟମନ୍ତ୍ରୀ ରୁଟ୍ କେନାଲ କରାଇଥିଲେ। ଆଜି ଫିଲିଂ କରାଗଲା। ମୁଖ୍ୟମନ୍ତ୍ରୀ କ୍ୟାପିଟାଲ ହସ୍ପିଟାଲ ଆସୁଥିବା ଜାଣି ଡାକ୍ତରଖାନାକୁ ସଫା କରାଯାଇଥିଲା। ଡାକ୍ତର ଓ କର୍ମଚାରୀ ମାନେ ମଧ୍ୟ ରୋଗୀ ସେବାକୁ ତ୍ୱରିତ କରିଥିବାର ଦେଖିବାକୁ ମିଳିଥିଲା।

## ଝାରସୁଗୁଡା ସବୁଠୁ ଉତ୍ତପ୍ତ ସହର

ଭୁବନେଶ୍ୱର,୫।୬ (ନି.ପ୍ର) : କିଛି ଦିନର ତ୍ରାହି ପରେ ପୁଣି ରାଜ୍ୟକୁ ଲେଉଟିଛି ତାତି। କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା କମ୍ ରହିଥିଲା। ଗତକାଲି ରାଜ୍ୟର ୩ ସହର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ବୁଧବାର ୧୧ ସହର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଛି। ଆଜି ରାଜ୍ୟର ସବୁଠୁ ଉତପ୍ତ ସହର ଥିଲା ଝାରସୁଗୁଡା।ଏଠାରେ ତାପମାତ୍ରା ୪୫.୨ ଡିଗ୍ରୀ ରେକର୍ଡ କରାଯାଇଥିଲା।

ସେହିପରି ସମ୍ବଲପୁର ତାପମାତ୍ରା ୪୩.୨ ଡିଗ୍ରୀ, ହୀରାକୁଦରେ ୪୨.୯ ଡିଗ୍ରୀ, ଟିଟିଲାଗଡ଼ରେ ୪୨.୨ ଡିଗ୍ରୀ, ଅନୁଗୋଳରେ ୪୨.୧ ଡିଗ୍ରୀ, ସୋନପୁରରେ ୪୧.୨ ଡିଗ୍ରୀ, ସୁନ୍ଦରଗଡ଼ରେ ୪୧ ଡିଗ୍ରୀ, ମାଲକାନଗିରିରେ ୪୦.୬ ଡିଗ୍ରୀ, ଭବାନୀପାଟଣା ଓ ବଲାଙ୍ଗିରରେ ୪୦ ଡିଗ୍ରୀ, ଫୁଲବାଣୀରେ ୪୦ ଡିଗ୍ରୀ, ଭୁବନେଶ୍ୱରରେ ୩୭.୨ ଡିଗ୍ରୀ ଏବଂ କଟକର ତାପମାତ୍ରା ୩୬.୫ ଡିଗ୍ରୀ ରେକର୍ଡ ହୋଇଥିଲା।

### ଡାହୁକ



ମନ୍ତ୍ରୀ ବିଧାୟକ ପୋଲିସି ସାହେବ
ଏମିତି ମାରକା ଷଣ୍ଢ
ତାଙ୍କ ପାଇଁ ହୁଏ ତଦନ୍ତ ଆକଟା
ଟେକି ପାରେନେଇଁ ମୁଣ୍ଡ
କରି କେତେ କେତେ କାଣ୍ଡ
ହାତୀ ହୋଇ ନିଜେ ଗର୍ଜିବେ ହେଲେ
ପିମ୍ପୁଡିକୁ ଦେବେ ଦଣ୍ଡ ।
-ବିଧୂ

## ଝାରସୁଗୁଡା- ଭୁବନେଶ୍ୱର ବିମାନ ସେବା ଆରମ୍ଭ

ଭୁବନେଶ୍ୱର,୫।୬ (ନି.ପ୍ର) : ବୁଧବାର ଠାରୁ ଝାରସୁଗୁଡା ଓ ଭୁବନେଶ୍ୱର ମଧ୍ୟରେ ବିମାନ ସେବା ଆରମ୍ଭ ହୋଇଛି । ଉଡାନ-୩ ଯୋଜନାରେ ଏଟିଆର ୭୨ ବିମାନ ଭୁବନେଶ୍ୱରରୁ ବିମାନ ଉଡାଣ ଭରି ଝାରସୁଗୁଡାରେ ପହଚିଂବା ପରେ ପୁଣି ଝାରସୁଗଡାରୁ ଭୁବନେଶ୍ୱର ଫେରିଥିଲା। ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଭୁବନେଶ୍ୱରରୁ ୭୨ ଜଣ ଯାତ୍ରୀଙ୍କୁ ନେଇ ଝାରସୁଗୁଡ଼ାରେ ପହଂଚିଥିଲା। ଉଡାଣ ଯୋଜନାରେ ଏଲାଏନ୍ସ ଏୟାର ପକ୍ଷରୁ ଏହି ସେବା ଆରମ୍ଭ କରାଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ସୁରେଶ ପୂଜାରୀ, ଝାରସୁଗୁଡା ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତିଙ୍କ ସହ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଯୁଗ୍ମ ସଚିବ ଉଷା ପାଢ଼ୀ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ ଝାରସୁଗୁଡା ବିମାନବନ୍ଦରରେ ଭୁବନେଶ୍ୱରରୁ ଆସିଥିବା ଅତିଥିଙ୍କୁ ସ୍ୱାଗତ କରିଥିଲେ। ସେହିପରି ୫୪ ଜଣ ଯାତ୍ରୀ ଝାରସୁଗୁଡାରୁ ଭୁବନେଶ୍ୱର ଯାଇଥିଲେ । ଆଲିଆନ୍ସ ବିମାନର ଏଟିଆର-୭୨, ୭୨ ଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡାଣ କରିଥିଲା।



ବୁଧବାରଠାରୁ ନିୟମିତ ବିମାନ ଉଡାଣ ହେବ। ସେହିପରି ଝାରସୁଗୁଡା- ରାୟପୁର ମଧ୍ୟରେ ବିମାନସେବା ଆରମ୍ଭ ହୋଇଛି। ଏହି ଦୁଇ ସ୍ଥାନକୁ ଉଡାଣ ଅନୁମତି ପାଇଥିବା ଏୟାର ଇଣ୍ଡିଆର ସହଯୋଗୀ ସଂସ୍ଥା ଏଲାଏନ୍ସ ଏୟାର ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି।

## ବିଶ୍ୱ ପରିବେଶ ଦିବସ ପାଳିତ

# ୧୬୬ଟି ଅନୁଷ୍ଠାନକୁ ପ୍ରକୃତି ମିତ୍ର ଓ ୧୬୫ ଜଣଙ୍କୁ ପ୍ରକୃତିବନ୍ଧୁ ସମ୍ମାନ

ଭୁବନେଶ୍ୱର,୫।୬ (ନି.ପ୍ର) : ସମଗ୍ର ବିଶ୍ୱରେ ଆଜି ବିଶ୍ୱ ପରିବେଶ ଦିବସ ପାଳିତ ହେଉଛି । ଆମର ଜୈବ ବିବିଧତା ଓ ପରିବେଶର ସୁରକ୍ଷା, ପ୍ରାକୃତିକ ଦୁର୍ବିପାକ ଓ ମନୁଷ୍ୟକୃତ ପ୍ରଦୂଷଣ ହ୍ରାସ, ଜଳବାୟୁ ପରିବର୍ତନ, ତାପମାନ ବୃଦ୍ଧି, ଇକୋସିଷ୍ଟମ ପରିଚାଳନା ଏବଂ ମୂଲ୍ୟବାନ ପ୍ରାକୃତିକ ସମ୍ପଦର କ୍ଷୟକ୍ଷତିକୁ ଯଥାସମ୍ଭବ ରୋକିବା ଓ ଏ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜନସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ୨୦୧୯ ବିଶ୍ୱ ପରିବେଶ ଦିବସର ଅନୁଚିନ୍ତା ହେଉଛି – 'ସମ୍ମିଳିତ ହେଲେ ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ଆମେ ସମର୍ଥ ହେବା'। ବୁଧବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ ଯେ ଏହି ବର୍ଷ ମିଳିତ ଜାତିସଂଘ ବାୟୁମଣ୍ଡଳର ସୁରକ୍ଷା ନିମନ୍ତେ ଗୁରୁତ୍ୱ ଦେଉଛନ୍ତି। ଆମର ଦୈନନ୍ଦିନ ଜୀବନରେ ଅନେକ କାର୍ଯ୍ୟକଳାପ ଯୋଗୁଁ ବାୟୁମଣ୍ଡଳର ପ୍ରଦୂଷଣ ମାତ୍ରାରେ ବୃଦ୍ଧି ଘଟୁଛି। ଏଥିଯୋଗୁଁ ବିଶ୍ୱରେ ଅନେକ ଲୋକଙ୍କର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି । ବାୟୁ ପ୍ରଦୂଷଣର କାରଣ କାର୍ବନ ମନୋକ୍ସାଇଡ୍, କାର୍ବନ ଡାଇଅକ୍ସାଇଡ୍, ନାଇଟ୍ରୋଜେନ ଅକ୍ସାଇଡ୍, ନାଇଟ୍ରୋଜେନ ଡାଇଅକ୍ସାଇଡ୍, ଭୂସ୍ତର ଓଜୋନ, ଭାସମାନ ଧୂଳିକଣା, ସଲଫର ଡାଇଅକ୍ସାଇଡ୍, ହାଇଡ୍ରୋ କାର୍ବନ ମାତ୍ରାର ବୃଦ୍ଧି ଯାହା ମନୁଷ୍ୟ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ । ଏହା ବିଭିନ୍ନ ସ୍ରୋତରୁ ବାୟୁ ମଣ୍ଡଳକୁ ପ୍ରବେଶ କରିଥାଏ ଯଥା- ଅଧିକ ଇନ୍ଧନ ବ୍ୟବହାର, କଳକାରଖାନା, ଯାନବାହନ, କୃଷିରୁ ଉତ୍ପନ୍ନ ଆବର୍ଜନା ଜଳିବା ଦ୍ୱାରା, ଆଗ୍ନେୟଗିରି ଇତ୍ୟାଦି। ଏହି ସବୁ କ୍ଷେତ୍ରରେ ସଠିକ୍ ସୁପରିଚାଳନା ଦ୍ୱାରା ବାୟୁମଣ୍ଡଳର ପ୍ରଦୂଷଣ ମାତ୍ରା ହ୍ରାସ କରାଯାଇପାରେ। ଏଥିପାଇଁ ଇନ୍ଧନ ବା ଜାଳେଣିର ବ୍ୟବହାରକୁ ନିୟନ୍ତ୍ରଣ କରିବା, ସୌର ଶକ୍ତିର ବ୍ୟବହାର, ଯାନବାହନ ବ୍ୟବହାରକୁ କମ୍ କରି ବସ୍, ଟ୍ରେନ୍‌ର ବ୍ୟବହାର ଓ ସାଇକେଲ ବ୍ୟବହାର, କୃଷି କ୍ଷେତ୍ରରେ ରାସାୟନିକ ସାର ବ୍ୟବହାର ହ୍ରାସ କରିବା, ଆବର୍ଜନାର ସଠିକ୍ ପରିଚାଳନା କରିବା ଆବଶ୍ୟକ । ପରିବେଶର ସନ୍ତୁଳନକୁ ରକ୍ଷା କରିବାକୁ ହେଲେ ଆମକୁ ନିଜ ନିଜ ସ୍ତରରେ ଅନେକ କାର୍ଯ୍ୟ କରିବାକୁ ହେବ ଓ ପ୍ରାକୃତିକ ସମ୍ପଦର ବ୍ୟବହାରକୁ ମଧ୍ୟ ନିୟନ୍ତ୍ରଣ କରିବା ଦରକାର । ଜଳବାୟୁ ପରିବର୍ତନ ଏବେ ସମଗ୍ର ବିଶ୍ୱରେ ଏକ ମୁଖ୍ୟ ସମସ୍ୟା ରୂପେ ଦେଖାଦେଇଛି । ଏହାର କୁପ୍ରଭାବ ପୃଥିବୀର ଅନେକ ଅଂଚଳରେ ଅନୁଭୂତ ହେଉଛି । ଜଳବାୟୁ ପରିବର୍ତନ ଫଳରେ ବିଶ୍ୱ ତାପମାତ୍ରା ବୃଦ୍ଧିପାଉଛି । ପ୍ରାକୃତିକ ଦୁର୍ବିପାକ ମଧ୍ୟ ବୃଦ୍ଧିପାଉଛି। ସମୁଦ୍ରର ଜଳପତନ ବୃଦ୍ଧି ପାଇବାରେ ଲାଗୁଛି । ଏହା ଯୋଗୁଁ ଭୂପୃଷ୍ଠର ଅନେକ ଅଂଶ ଜଳମଗ୍ନ ହେବା ସହ ଉପକୂଳ ଅଂଚଳରେ ଥିବା ଜନବସତି, ବୃକ୍ଷ, ପ୍ରାଣୀ ଇତ୍ୟାଦି ଦ୍ରୁତଗତିରେ କ୍ଷୟ ହେବାରେ ଲାଗିଛି । ନିକଟରେ ଏହାର ପ୍ରଭାବ ଆମେ ଅଙ୍ଗେ ନିଭେଇଛେ। ଫନି ବାତ୍ୟା ଯୋଗୁଁ ଅନେକ ଉପକୂଳ ଅଂଚଳ ଧ୍ୱସ୍ତବିଧ୍ୱସ୍ତ ହୋଇଛି। ଏଣୁ ଜଳବାୟୁ ପରିବର୍ତନକୁ ପ୍ରତିହତ କରିବା ନିହାତି ଜରୁରୀ । ଏହି ସବୁ ସମସ୍ୟାକୁ ହୃଦୟଙ୍ଗମ କରି ପ୍ରାକୃତିକ ସମ୍ପଦର ସୁବିନିଯୋଗ କରିବା, ବ୍ୟାପକ ବୃକ୍ଷରୋପଣ କରିବା, ପ୍ଲାଷ୍ଟିକ୍ ଆବର୍ଜନା ଜନିତ ପ୍ରଦୂଷଣ ହ୍ରାସ କରିବା ଅନ୍ୟାନ୍ୟ କାର୍ଯ୍ୟକ୍ରମ କରି ବିଶ୍ୱ ପରିବେଶକୁ ସନ୍ତୁଳିତ କରିବା ଓ ବାୟୁ ପ୍ରଦୂଷଣକୁ ପ୍ରତିହତ କରିବାପାଇଁ ସଂକଳ୍ପ ନେବାକୁ ମନ୍ତ୍ରୀ ଶ୍ରୀ ଆରୁଖ ଆହ୍ୱାନ ଦେଇଥିଲେ ।

ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ ଯେ ମାତ୍ରାଧିକ ବାୟୁ ପ୍ରଦୂଷଣ ସଂପ୍ରତି ସାରା ବିଶ୍ୱରେ ଉଦ୍‌ବେଗର କାରଣ ହୋଇଛି। ଆମ ଦେଶର ରାଜଧାନୀ ଦିଲ୍ଲୀ ପୃଥିବୀର ସର୍ବାଧିକ ପ୍ରଦୂଷିତ ମହାନଗରୀମାନଙ୍କ ମଧ୍ୟରେ ପରିଗଣିତ ହେଲାଣି। ଭୁବନେଶ୍ୱରରେ ମଧ୍ୟ ପ୍ରତି ବର୍ଷ ୪୦ ହଜାର ନୂତନ ଯାନବାହନ ପଞ୍ଜୀକୃତ ହୋଇ ଚଳାଚଳ କରୁଛି। ଏହି ବାୟୁ ପ୍ରଦୂଷଣ ହ୍ରାସ କରା ନ ଗଲେ ଅଧିକରୁ ଅଧିକ ଜୀବନହାନି ଘଟିବ। ଫନୀ ଭଳି ପ୍ରାକୃତିକ ଦୁର୍ବିପାକ ଅତ୍ୟଧିକ କ୍ଷୟକ୍ଷତି ଘଟାଇବ। ବାୟୁ ପ୍ରଦୂଷଣ ହ୍ରାସ ପାଇଁ ସଚେତନତା ସୃଷ୍ଟି, ଯାତ୍ରୀବାହୀ ବସ୍, ସାଇକେଲ ବା ଚାଲିବା ଅଭ୍ୟାସ କରି ଆବଶ୍ୟକତା ମେଂଟାଇବା, ପରିତ୍ୟକ୍ତ ପ୍ଲାଷ୍ଟିକ୍ ସମେତ ଅଳିଆ, ଆବର୍ଜନାର ସୁବିନିଯୋଗ କରିବା, ଶିଳ୍ପାନୁଷ୍ଠାନରୁ ନିର୍ଗତ ବାୟୁ ପ୍ରଦୂଷଣର ପରିମାଣକୁ ଉତ୍ସରୁ ହ୍ରାସ କରିବା, ନବୀକରଣୀୟ ଶକ୍ତି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଓ ବ୍ୟାପକ ବୃକ୍ଷରୋପଣ ଦ୍ୱାରା ସବୁଜିମାକୁ ଶୀଘ୍ର ଫେରେଇ ଆଣିବା ଏକାନ୍ତ ଆବଶ୍ୟକ । ଏ ଦିଗରେ ଇକୋକ୍ଲବ୍‌ଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସମସ୍ତେ ବାୟୁ ପ୍ରଦୂଷଣକୁ ପ୍ରତିହତ କରିବା ଓ ପରିବେଶ ସୁରକ୍ଷା ଦିଗରେ ଯଥାସମ୍ଭବ ଉଦ୍ୟମ କରିବା ଜରୁରୀ ବୋଲି ଶ୍ରୀ ମହାପାତ୍ର ମତବ୍ୟକ୍ତ କରିଥିଲେ। ଚଳିତ ବର୍ଷ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମନ୍ତ୍ରୀ ଶ୍ରୀ ଆରୁଖ ୧୬୬ଟି ଅନୁଷ୍ଠାନଗୁଡ଼ିକୁ ପ୍ରକୃତିମିତ୍ର ପୁରସ୍କାରରେ ପୁରସ୍କୃତ କରିଥିଲେ । ଏହା ବ୍ୟତୀତ ବିଭିନ୍ନ ଜିଲ୍ଲାସ୍ତରରେ ୧୬୫ ଜଣ ବ୍ୟକ୍ତିବିଶେଷଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଆୟୋଜିତ ଇକୋ-ମଡେଲ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟରୂପେ ବିବେଚିତ ହୋଇଥିବା ପ୍ରତିଯୋଗୀମାନଙ୍କୁ ମଧ୍ୟ ମନ୍ତ୍ରୀ ଶ୍ରୀ ଆରୁଖ ପୁରସ୍କୃତ କରିଥିଲେ । ପୂର୍ବରୁ 'ପରିବେଶର ଜାଗ୍ରତ ପ୍ରହରୀ' ପୁସ୍ତକ ଓ ସେଂଟର ଫର୍ ଏନ୍‌ଭିରନ୍‌ମେଂଟାଲ୍ ଷ୍ଟଡିଜ୍‌ର ମୁଖପତ୍ର 'ଏନ୍‌ଭିଏସ ସମ୍ବାଦପତ୍ରିକା' ମନ୍ତ୍ରୀ ଶ୍ରୀ ଆରୁଖଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପ୍ରାରମ୍ଭରେ ପରିବେଶ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଡକ୍ଟର କେ. ମୁରୁଗେସନ ସ୍ୱାଗତ ଭାଷଣ ଦେଇଥିଲେ। ସେଂଟର ଫର୍ ଏନ୍‌ଭିରନ୍‌ମେଂଟାଲ୍ ଷ୍ଟଡିଜ୍‌ର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଆଶୁତୋଷ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।





# ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡରେ ବିଶ୍ୱ ପରିବେଶ ଦିବସ ପାଳିତ



**ଭୁବନେଶ୍ୱର,୫।୬(ନିପ୍ର):** ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ କଳିଙ୍ଗନଗରରେ ପ୍ରତି ବର୍ଷ ପରି ଏହି ବର୍ଷ ମଧ୍ୟ ବିଶ୍ୱ ପରିବେଶ ଦିବସ ମହାସମାରୋହରେ କାରଖାନା ପରିସରରେ ପାଳିତ ହୋଇଯାଇଛି । ଲୋକମାନଙ୍କ ମନରେ ଏକ ସକାରାତ୍ମକ ଚିନ୍ତାଧାରା ଆଣି ପୃଥିବୀର ପରିବେଶକୁ ସୁରକ୍ଷା କରିବା ହେଉଛି ବିଶ୍ୱ ପରିବେଶ ଦିବସ ପାଳନର ଲକ୍ଷ । ସେଥିପାଇଁ ଏହି ବର୍ଷ ବିଶ୍ୱ ପରିବେଶ ଦିବସର ବିଷୟ ବସ୍ତୁ "ବାୟୁ ପ୍ରଦୁଷଣକୁ ପ୍ରତିହତ କରିବା" ରଖାଯାଇଛି । କାରଖାନା ମୁଖ୍ୟ ଶ୍ରୀଯୁକ୍ତ ଆର. ଏସ. ବୈଦ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାରଖାନା ପରିସରରେ ଆୟୋଜିତ ସାମୁହିକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରି କର୍ମଚାରୀମାନଙ୍କୁ ଉତ୍ସାହିତ କରି କହିଥିଲେ ଯେ ସେମାନେ କାର୍ଯ୍ୟକରୁଥିବା କାର୍ଯ୍ୟକ୍ଷେତ୍ରର ପରିବେଶକୁ ସର୍ବଦା ସ୍ୱଚ୍ଛ ରଖିବା ଉଚିତ୍ । ପୃଥିବୀ ତଥା ଜୀବଜଗତକୁ ରକ୍ଷା କରିବାକୁ ହେଲେ ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ ହିଁ ଏକମାତ୍ର ମାଧ୍ୟମ । କେବଳ ଶିଳ୍ପସଂସ୍ଥା ନୁହେଁ ଏହା ପ୍ରତ୍ୟେକ ନାଗରିକର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ୍ । ଇଏଚଏସ ବିଭାଗର ମୁଖ୍ୟ ଶ୍ରୀଯୁକ୍ତ ତୁଷାରକାନ୍ତି ମିଶ୍ର ତାଙ୍କ ସ୍ୱାଗତ ଭାଷଣରେ ପୃଥିବୀର ପରିବେଶ ଜନିତ କ୍ଷତି ଓ ତାହାର ପ୍ରତିକାର ବିଷୟରେ ଅଲୋକପାତ କରିଥିଲେ । ଏହି ଉତ୍ସବ ପାଳନ ଅବସରରେ କାରଖାନା ପରିସରରେ କର୍ମଚାରୀ ତଥା ଠିକା ଶ୍ରମିକ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଯଥା- ପରିବେଶ ସମ୍ବନ୍ଧୀୟ ଶ୍ଲୋଗାନ, ବକ୍ତୃତା, ପ୍ରବନ୍ଧ, ପ୍ରଶ୍ନୋତ୍ତର ଓ ପ୍ରଚାର ପତ୍ର ଇତ୍ୟାଦିର ଆୟୋଜନ କରାଯାଇ କୃତି ପ୍ରତିଯୋଗିମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। ଏହି ଉତ୍ସବରେ କୋଲ୍ଡ ରୋଲିଙ୍ଗ ମିଲର ମୁଖ୍ୟ ଶ୍ରୀଯୁକ୍ତ ଦୀପକ ଅଗ୍ରୱାଲ, ଷ୍ଟିଲ ମେଲଟିଙ୍ଗ ସପର ମୁଖ୍ୟ ଶ୍ରୀଯୁକ୍ତ କିଶୋର କୁମାର ଗୁରୁବକ୍ସାଣୀ, ଫେରୋଆଲଏଜ ପ୍ଲାଣ୍ଟ ମୁଖ୍ୟ ଶ୍ରୀଯୁକ୍ତ ଆୟାପିଲା ଶ୍ରୀନିବାସ ବାହ୍ୟ ସମ୍ପର୍କ ବିଭାଗ ମୁଖ୍ୟ ଶ୍ରୀଯୁକ୍ତ ମୋତିପ୍ରକାଶ ରଥ, ପାୱାର ପ୍ଲାଣ୍ଟ ମୁଖ୍ୟ ଶ୍ରୀଯୁକ୍ତ କେ.କେ. ଭଟ୍ଟାଚାର୍ଯ୍ୟ,ପ୍ରବନ୍ଧକ ମିହିର କୁମାର ଦାସ, ପିତାମ୍ବର ବେହେରା, ରାଜୀବ ଦେ ଓ ବିଜୟାନନ୍ଦ ମହାରଣାଙ୍କ ସହିତ ବରିଷ୍ଠ ଅଧିକାରୀ, କାରଖାନାର କର୍ମଚାରୀ ତଥା ଶ୍ରମିକମାନେ ଉପସ୍ଥିତ ରହି ବୃକ୍ଷରୋପଣରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଲୋକନାଥ ସାହୁ, ବିପିନ ସିଂହ ଓ ବିଭାଗୀୟ ଅଧିକାରୀମାନେ ପରିଚାଳନା କରିଥିଲେ । ଶହ ଶହ ସଂଖ୍ୟାରେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସହକାରୀ ପ୍ରବନ୍ଧକ ସତ୍ୟନାରାୟଣ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜନୈତିକ ହିଂସା : ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଲେ ଗ୍ରାମବାସୀ

**ଭଦ୍ରକ,୫।୬(ନିପ୍ର):** ଗତ ୨୫ ତାରିଖ ରାତିରେ ବନ୍ତ ଥାନା ଅନ୍ତର୍ଗତ ଟିଲୋ ପଞ୍ଚାୟତ ମାଳିସାହି ଗ୍ରାମରେ ଘଟି ଯାଇଥିବା ରାଜନୈତିକ ହିଂସାକାଣ୍ଡକୁ ୧୦ ଦିନ ବିତି ଯାଇଥିଲେ ମଧ ବନ୍ତ ଥାନାଧିକାରୀ ଶାସକ ଦଳ ଚାପରେ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେଉଥିବାର ଅଭିଯୋଗ ନେଇ ସଂପୃକ୍ତ ଗ୍ରାମର ଗ୍ରାମବାସୀମାନେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ନ୍ୟାୟ ପାଇଁ ଦାବୀ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଗତ ୨୫ ତାରିଖ ରାତିରେ ମାଳିସାହି ଗ୍ରାମର ଶାସକ ଦଳର କେତେକ ଅସାମାଜିକ ବ୍ୟକ୍ତି ବିଜେପି ମଣ୍ଡଳ ସଭାନେତ୍ରୀ ପଙ୍କଜିନୀ ଲେଙ୍କା ଓ ତାଙ୍କର କେତେକ ସହଯୋଗୀଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ଘଟଣାକୁ ନେଇ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିମାନେ ବନ୍ତ ଥାନାକୁ ନ୍ୟାୟ ଭିକ୍ଷା ପାଇଁ ଯାଇଥିବା ବେଳେ ଉକ୍ତ ଅସାମାଜିକ ବ୍ୟକ୍ତିମାନେ ଥାନାରେ ପହଞ୍ଚି ଥାନା କର୍ମଚାରୀଙ୍କ ଉପସ୍ଥିତିରେ ପୁନର୍ବାର ଅକ୍ରମଣ କରିଥିଲେ । ପରେ ଏହି ଘଟଣାରେ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିମାନଙ୍କ ପକ୍ଷରୁ ଥାନାରେ ଏତାଲା ଦିଆଯାଇଥିଲେ ମଧ ଥାନାଧିକାରୀ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଆକ୍ରମଣକାରୀଙ୍କ ଠାରୁ ଘଟଣା ଘଟିବାର ୨ ଦିନ ପରେ ଏତାଲା ଗ୍ରହଣ କରି ପଞ୍ଜିକୃତ କରିଥିବା ବେଳେ ଘଟଣା ଦିନ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ପକ୍ଷରୁ ଦିଆ ଯାଇଥିବା ଏତାଲାକୁ ପଞ୍ଜିକୃତ କରି ନ ଥିଲେ । ଯାହାପାଇଁ ଗତ ୨୯ ତାରିଖରେ ବିଜେପି ଦଳର ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଜିଲ୍ଲା ବିଜେପି ସଭାପତି ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ଥାନା କର୍ମଚାରୀ ଓ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିମାନଙ୍କୁ ଭେଟି ସବିଶେଷ ତଥ୍ୟ ପଚାରି ବୁଝିଥିଲେ । ଏହା ସତ୍ତ୍ୱେ ମଧ ବନ୍ତ ଥାନାଅଧିକାରୀ ଏ ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ ନ କରିବା ପ୍ରତିବାଦରେ ଶ୍ରୀ ଧଳ, ବିଜେପି କର୍ମକର୍ତ୍ତା, ଗ୍ରାମବାସୀ ତଥା ଆକ୍ରମଣର ଶିକାର ହୋଇଥିବା ପଙ୍କଜିନୀ ଲେଙ୍କା, ବନମାଳୀ ଜେନା, ମାଳତୀଲତା ସାହୁ, କନକଲତା ପତି, କୁମୁଦିନୀ ପତି, ସନ୍ତୋଷ ପତି, ମାୟାଧର ନାଥ ପ୍ରମୁଖ ଏସ୍‌ପିଙ୍କୁ ଭେଟିବାକୁ ଆସି ସାକ୍ଷାତ ନ ପାଇ ଅତିରିକ୍ତ ଏସପି କୈଳାସ ପରିଡାଙ୍କୁ ଭେଟି ଅଭିଯୋଗ କରିଛନ୍ତି ।



# ଭୁବନେଶ୍ୱର-ନନ୍ଦନକାନନ-କଟକ ନୂତନ ବସ୍ ସେବା ଆରମ୍ଭ



**ଭୁବନେଶ୍ୱର,୫/୬(ନିପ୍ର):** ଭୁବନେଶ୍ୱରର କଳିଙ୍ଗ ବିହାର ଠାରୁ ନୂତନ ବସ୍ ସେବା ଆରମ୍ଭ ହୋଇ ଯାଇଛି । ଏହାକୁ ଭୁବନେଶ୍ୱର ଟାଉନ୍ ବସ୍ କୋ-ଅପରେଟିଭ୍ ସୋସାଇଟିର ସଭାପତି ରାମଚନ୍ଦ୍ର ମିଶ୍ର ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଛନ୍ତି । ବୁଧବାର ସକାଳେ କଳିଙ୍ଗ ବିହାର ଛକଠାରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଭାପତି ରାମଚନ୍ଦ୍ର ମିଶ୍ର କହିଥିଲେ ଏହି ବସ୍ ସେବା ଖୋର୍ଦ୍ଧା ଠାରୁ କଟକ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ପର୍ଯ୍ୟାୟରେ ୧୨ ଟି ବସ୍ ଚାଲିବ, ପରେ ଏହାକୁ ବୃଦ୍ଧି କରାଯିବ । କଳିଙ୍ଗ ନଗର ଠାରୁ ବରମୁଣ୍ଡା, ଆଚାର୍ଯ୍ୟ ବିହାର, ଚନ୍ଦ୍ରଶେଖରପୁର, ନନ୍ଦନକାନନ, ସିଡିଏ, ହାଇକୋର୍ଟ ହୋଇ ବାଦାମବାଡିରେ ପହଞ୍ଚିବ । ସେଠାରୁ ସମାନ ରୁଟ୍‌ରେ ଫେରିବ । ବରମୁଣ୍ଡା ଠାରୁ କଟକ ପର୍ଯ୍ୟନ୍ତ ମୋ ବସ୍ ୪୨ ଟଙ୍କା ନେଉଥିବା ବେଳେ ଆମ୍ଭେ ୩୦ ଟଙ୍କାରେ ସେବା ଯୋଗାଇ ଦେବୁ । ବିଶେଷ କରି ବରିଷ୍ଠ ନାଗରିକ ମାନଙ୍କ ପାଇଁ ପଚାଶ ଭାଗ ରିହାତି ପ୍ରଦାନ କରାଯିବ । ଲୋକମାନଙ୍କ ସୁବିଧା ଦୃଷ୍ଟିରୁ ପ୍ରତ୍ୟେକ ୧୫ ମିନିଟ୍ ବ୍ୟବଧାନରେ ବସ୍ ଉପଲବ୍ଧ ହେବ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ଦିଲ୍ଲିପ କୁମାର ମିଶ୍ର, ଷ୍ଟାଣ୍ଡ ସଂପାଦକ ବିଜୟ ରକୁମାର ସାହୁ, ବସ୍ ମାଲିକ ତ୍ରିଲୋଚନ ରାଉତ, ଅମୂଲ୍ୟ ପ୍ରଧାନ, ମାନସ ରଂଜନ ସାହୁ, ବାପି ରାଉତ, ଅଶୋକ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ସବୁଜ ଭାରତ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



**ଭୁବନେଶ୍ୱର,୫।୬(ନିପ୍ର):** ପରିବେଶକୁ ସୁରକ୍ଷା ଦେଲେ ପରିବେଶ ଆମକୁ ସୁରକ୍ଷା ଦେବ। କିନ୍ତୁ ମନୁଷ୍ୟଦ୍ୱାରା ବୃକ୍ଷ ଛେଦନ ଫଳରେ ଜଙ୍ଗଲ ଆଜି ଧ୍ୱଂସାଭିମୁଖୀ ହେବାରେ ଲାଗିଛି। ପ୍ରତିଦିନ ଶହ ଶହ ବୃକ୍ଷ ବଳି ପଡୁଛନ୍ତି। ଛଅ ଋତୁ ଆଜି ସାତସପନ। ଜୈବ ବିବିଧତା ବି ଧ୍ୱଂସାଭିମୁଖୀ। ଜଙ୍ଗଲ ଧ୍ୱଂସ ଫଳରେ ପୃଥିବୀରେ ଦେଖା ଦେଇଛି ଅନେକ ସମସ୍ୟା। ସୃଷ୍ଟି ହେଉଛି ବିଶ୍ୱତାପନ ଆଉ ବୃଦ୍ଧି ପାଉଛି ପୃଥିବୀରେ ତାପମାତ୍ରା। ଗ୍ଲୋବାଲ ୱାର୍ମିଂର ପ୍ରଭାବ ମଣିଷର ଜୀବନକୁ ଦୁର୍ବିସହ କରିବାରେ ଲାଗିଛି। ଫନି ମହାବାତ୍ୟାରେ ବଳି ପଡ଼ିଥିବା ବୃକ୍ଷଲତା ଯୋଗୁଁ ଏହା ଆହୁରି ଭୟଙ୍କର ରୂପ ଧାରଣ କରିଥିବା ବେଳେ ଭୂତଳ ଜଳସ୍ତର ହ୍ରାସ, ବିବର୍ତ୍ତମାନ ପରିବେଶ, ଜଳବାୟୁ ଓ ବିପର୍ଯ୍ୟୟମୁଖୀ ସବୁଜିମା ଜୀବଜଗତକୁ ଠେଲି ଦେଇଛି। ଏସବୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ସବୁଜ ଭାରତ, ୟୁଏସ୍‌ଆଇ ଫାଉଣ୍ଡେସନ ଏବଂ ହରିଜନ ସେବକ ସଂଘର ମିଳିତ ସହଯୋଗରେ ଆଜି ବାଣିବିହାରର ଆଇନ୍ ମହାବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସବୁଜ ଭାରତର ସମ୍ପାଦକ ସତ୍ୟବ୍ରତ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୟୁଏସ୍‌ଆଇ ଫାଉଣ୍ଡେସନର ଅଧ୍ୟକ୍ଷ ବନୋଜ ତ୍ରିପାଠୀ ଯୋଗ ଦେଇଥିବା ବେଳେ ଆବାହକ ପ୍ରତୀକ୍ଷା ମିଶ୍ର, ସଂଯୋଜକ ଉପେନ୍ଦ୍ର ବେହେରା, ହରିଜନ ସେବକ ସଂଘର ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନ୍ତି ପ୍ରମୁଖ ଯୋଗଦେଇ ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ପାଇଁ ବୃକ୍ଷ ରୋପଣ ନିହାତି ଜରୁରୀ ବୋଲି ମତବ୍ୟକ୍ତ କରିବା ସହିତ ଆମ୍ବ, ନିମ୍ବ, ବଉଳ, ଡ଼ାଲଚିନି, କରଞ୍ଜ, ପେସ୍ତାବାଦାମ ଭଳି ୧୦୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା ଏବଂ ପରିବେଶ ସୁରକ୍ଷା ଉପରେ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରଶ୍ମୀତା ମୁଖୀ, ଦେବାଶିଷ ଦାସ, ରଘୁନାଥ ମଣ୍ଡଳ, ସୁଜାତା ମଲ୍ଲିକ, ଲକ୍ଷ୍ମୀଧର ପାଇକରାୟ, ପ୍ରଭୁକୃପା ଜେନା, ଚନ୍ଦ୍ରମୋହନ ମୁର୍ମୁ, ସୁସ୍ମିତା ସାହୁ, ହରପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ବୃକ୍ଷରୋପଣରେ ସହଯୋଗ କରିଥିଲେ।

# ଢେଙ୍କାନାଳରେ କୃଷି ନିର୍ଦ୍ଧାରଣ ସମୀକ୍ଷା ବୈଠକ

**ଢେଙ୍କାନାଳ,୫।୬(ନି.ପ୍ର):** ଖରିଫ୍ ଚାଷ-୨୦୧୯ ପାଇଁ ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟର ସଭାଗୃହ ଠାରେ କୃଷି ନିର୍ଦ୍ଧାରଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାପାଳ ନିଖିଲ୍ ପଓ୍ୱନ କଲ୍ୟାଣ ଅଧ୍ୟକ୍ଷତା କରି ଏହି ଖରିଫ୍ ଚାଷ ପାଇଁ ଜଳସେଚନର ସଠିକ୍ ପରିଚାଳନା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଖରିଫ୍ ଚାଷ ପାଇଁ ବୈଠକରେ ବିଭିନ୍ନ ବିଷୟ ଆଲୋଚନା ହୋଇଥିବା ବେଳେ ଜମିର କିସମ ଏବଂ ବର୍ଷା ଆକଳନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକର ପ୍ରାରମ୍ଭରେ ଜିଲ୍ଲା କୃଷି ଉପ-ନିର୍ଦ୍ଦେଶକ ଛବିନ୍ଦ୍ର ବେହେରା ଏହି କୃଷି ନିର୍ଦ୍ଧାରଣ ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିବା ସହିତ ଜଳସେଚନର ସୁବିଧାକୁ ଦୃଷ୍ଟିରେ ରଖି ୧ ଲକ୍ଷ ୮୫ ହଜାର ୯୪୦ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ, ୨୨ ହଜାର ୯୧୬ ହେକ୍ଟର ଜମିରେ ଡାଲିଜାତୀୟ ଫସଲ, ୨୦ ହଜାର ୫୮୦ ହେକ୍ଟର ଜମିରେ ତୈଳବୀଜ, ୩୭ ହଜାର ୪୫୮ ହେକ୍ଟର ଜମିରେ ପରିବା, ୫ ହଜାର ୮ଶହ ହେକ୍ଟର ଜମିରେ ମସଲା ଜାତୀୟ ଫସଲ ଏବଂ ୪ଶହ ହେକ୍ଟର ଜମିରେ ଆଳୁଚାଷ କରାଯିବା ପାଇଁ ଯୋଜନା ଥିବା ସୂଚନା ଦେଇଥିଲେ । ସେହିଭଳି ବାତ୍ୟା ଫନି ପ୍ରଭାବରେ ଭଲ ବର୍ଷା ହୋଇଥିବା ଯୋଗୁଁ ଜିଲ୍ଲାର ପ୍ରମୂଖ ଜଳଭଣ୍ଡାରରେ ଜଳସ୍ତର ଅଧିକ ଥିବାରୁ ଖରିଫ୍ ଚାଷ ପାଇଁ ଜଳର ଅଭାବ ରହିବନାହିଁ ବୋଲି ଜଳସେଚନ ବିଭାଗ ପକ୍ଷରୁ ବୈଠକରେ ରିପୋର୍ଟ ପ୍ରଦାନ କରା ଯାଇଥିଲା । ତଦନୁଯାୟୀ ୧ ଲକ୍ଷ ୪ ହଜାର ୭୫୭ ହେକ୍ଟର ଜମିରେ ଜଳ ସେଚିତ ହୋଇପାରିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ । ଠିକ୍ ସେହିଭଳି ରାସାୟନିକ ସାର ପ୍ରୟୋଗରେ ଭଲ ଫସଲ ଉତ୍ପାଦିତ ହୋଇପାରିବ ବୋଲି ରହିଥିବା ଧାରଣା ଠିକ୍ ନୁହଁ, ଆବଶ୍ୟକତା ଅନୁଯାୟୀ ଜମିରେ ଜୈବିକ ସାର ପ୍ରୟୋଗ ଦ୍ୱାରା ଗୁଣାତ୍ମକ ହୋଇପାରିବ ବୋଲି କୃଷି ବିଭାଗ ଅଧିକାରୀ ପ୍ରକାଶ କରି ଏ ଦିଗରେ ଚାଷୀମାନଙ୍କୁ ସଚେତନ କରିବା ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇ ମିଶ୍ରିତ ଫସଲ ଉପରେ ବିଭାଗୀୟ ଅଧିକାରୀ ଗୁରୁତ୍ୱାରୋପ କରିଥିଲେ । ଖରିଫ୍ ଚାଷ ପାଇଁ ବିହନ ନିଗମ ସମବାୟ କେନ୍ଦ୍ର ପକ୍ଷରୁ ଚାଷୀଙ୍କୁ ଉନ୍ନତ ମାନର ବିହନ ଯୋଗାଇ ଦିଆଯିବ ବୋଲି ବୈଠକରେ ସୂଚନା ଦିଆ ଯାଇଥିଲା । ଚାଷୀଙ୍କୁ ୭ ହଜାର ୩ କ୍ୱିଣ୍ଟାଲ ଧାନ, ୧ ଶହ କ୍ୱିଣ୍ଟାଲ ମୁଗ, ୧ଶହ ୪୫ କ୍ୱିଣ୍ଟାଲ ବିରି, ୨୫ କ୍ୱିଣ୍ଟାଲ ହରଡ, ୪ଶହ ୪୦ କ୍ୱିଣ୍ଟାଲ ଚିନାବାଦାମ, ୧୫ କ୍ୱିଣ୍ଟାଲ ରାଶି ଏବଂ ୨ଶହ କ୍ୱିଣ୍ଟାଲ ଧନିଚା ବିହନ ଯୋଗାଇ ଦିଆଯିବାକୁ ସ୍ଥିର କରା ଯାଇଥିବା ବୈଠକରେ ସୂଚନା ଦିଆ ଯାଇଥିଲା ।

# ଭୁବନରେ ପାନୀୟଜଳ ପ୍ରକଳ୍ପ ଲୋକାର୍ପିତ

**ଢେଙ୍କାନାଳ,୫।୬(ନି.ପ୍ର):** ରାଜ୍ୟ ମନ୍ତ୍ରୀ ମଣ୍ଡଳର କ୍ୟାବିନେଟ୍ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ କୁମାର ମଲ୍ଲିକ ଆଜି ଢେଙ୍କାନାଳର ଭୂବନ ଅଂଚଳକୁ ପ୍ରଥମ ଗସ୍ତକରି ବିଭିନ୍ନ ପଂଚାୟତର ଗ୍ରାମକୁ ପରିଦର୍ଶନ କରିଥିଲେ । ବିଶେଷ କରି ଭୂବନ ବ୍ଲକର ମଠକରଗୋଳା, ଅରଖପାଳ, ମାର୍ଥାପୁର, ଜମୁନାକୋଟ, ଦୟଣାବିଲି ଏବଂ ଧଳପଡା ପଂଚାୟତର କେତେକ ଗ୍ରାମକୁ ପରିଦର୍ଶନ କରିବା ସହିତ ଗ୍ରାମର ବିକାଶ ସମ୍ପର୍କରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ୫୯ ଲକ୍ଷ ୭୫ ହଜାର ଟଙ୍କା ବ୍ୟୟରେ ମାର୍ଥିପୁର ପଂଚାୟତର ଜିଲେଇଲୋ ଗାଁ ଠାରେ ହୋଇଥିବା ପାନୀୟ ଜଳପ୍ରକଳ୍ପକୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ଏହି ପରିଦର୍ଶନ ଅବସରରେ ଲୋକାର୍ପିତ କରିଥିଲେ । ଲୋକର୍ପିତ ଅବସରରେ ଲୋକଙ୍କ ସହଭାଗୀତା ବିନା ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ମତବ୍ୟକ୍ତ କରି ଅଂଚଳବାସୀଙ୍କ ସହିତ ମିଶି ବିଭିନ୍ନ ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ । ବିଭିନ୍ନ ଗ୍ରାମ ପରିଦର୍ଶନ ଏବଂ ପାନୀୟ ଜଳପ୍ରକଳ୍ପ ଲୋକାର୍ପିତ ଅବସରରେ ଗ୍ରାମବାସୀ ଏବଂ ଦଳୀୟ କର୍ମୀମାନେ ଶ୍ରୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୂବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳଙ୍କ ସମେତ ଉପାଧ୍ୟକ୍ଷା ସୁଭଦ୍ରା ପାତ୍ର, ବ୍ଲକ ବି.ଜେ.ଡି ସଭାପତି ପ୍ରବୋଧ ଦାସ, ଜିଲ୍ଲା ପରିଷଦ ସଭ୍ୟା ମାଳତୀ ନାଏକ, ସରପଂଚ ଖୁଲଣା ରାଉତ, ମହିଳା ବି.ଜେ.ଡି ସଭାନେତ୍ରୀ ସଂଧ୍ୟାରାଣୀ ନାୟକ, କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଯୁବ ବି.ଜେ.ଡି ସଭାପତି ରମେଶ ଚନ୍ଦ୍ର ସାହୁ, ବି.ଜେ.ଡି କର୍ମୀ ସୁଧାକର ସାହୁ, ଭାସ୍କର ଚନ୍ଦ୍ର ସାହୁ, ବିଭୁତି ଭୂଷଣ ଜେନା, ଜଗବନ୍ଧୁ ସାହୁ ପ୍ରମୂଖ ଯୋଗ ଦେଇଥିଲେ ।

# ଶିଭମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପ୍ୟୁଟର ଏଜୁକେସନ୍ ପକ୍ଷରୁ ବୃକ୍ଷରୋପଣ





**ଭୁବନେଶ୍ୱର,୫।୬(ନିପ୍ର):** ବୁଦ୍ଧେଶ୍ୱରୀ କଲୋନୀସ୍ଥିତ ଶିଭମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପ୍ୟୁଟର ଏଜୁକେସନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଶ୍ୱ ପରିବେଶ ଦିବସ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଗତ ମଇ ମାସ ଫନି ବାତ୍ୟାର ତାଣ୍ଡବ ଲୀଳା ପରେ ଭୁବନେଶ୍ୱର ଏକପ୍ରକାର ଶ୍ରୀହୀନ ହୋଇପଡିଛି । ଲକ୍ଷାଧିକ ସଂଖ୍ୟାରେ ଗଛମାନ ଉପୁଡି ପଡିବା ସହିତ ରାଜଧାନୀ ଭୁବନେଶ୍ୱରରେ ଆଉ ପୂର୍ବାବସ୍ଥା ନାହିଁ । ସବୁଠି ବୃକ୍ଷ ବିନା ଖାଁ ଖାଁ ଲାଗୁଛି । ଏହାକୁ ହୃଦୟଙ୍ଗମ କରି କମ୍ପ୍ୟୁଟର ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ମଦନ ମୋହନ ପାଢୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଏକ ସକରାତ୍ମକ ଭାବଧାରରେ ବୃକ୍ଷରୋପଣ କରିବାର ନିଷ୍ପତ୍ତି ନେଇଥିଲେ । ଏହି କ୍ରମରେ ଭୁବନେଶ୍ୱରର ଝାରପଡାସ୍ଥିତ ଭାରତୀ ବିଦ୍ୟାମନ୍ଦିର ବିଦ୍ୟାଳୟ ପରିସର ଓ ଏହାର ଆଖପାଖ ସ୍ଥାନମାନଙ୍କରେ ଏକ ଶହରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାମନ୍ଦିର ପ୍ରଧାନଶିକ୍ଷୟତ୍ରୀ ସଙ୍ଗୀତା ଦାସ ସ୍ୱାଗତ କରିବା ସହିତ ଏହି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଇନ୍‌ଷ୍ଟିଚ୍ୟୁଟର ଛାତ୍ରଛାତ୍ରୀ ସୌମ୍ୟା ସୁଚରିତା ପ୍ରଧାନ, ଖୁସ୍‌ବୁ ଦାସ, ଏ. ପୁଷ୍ପାବତି, ଶ୍ରୀନିବାସ ମହାଳିକ, ପବିତ୍ର କୁମାର ସାହୁ, ଆନନ୍ଦ ରାଉତ, ଶୁଭମ୍ ବାରିକ୍, ପ୍ରଭଞ୍ଜନ ନାୟକ, ସୌମ୍ୟ ରଞ୍ଜନ ବରାଳ, ସୁଶୋଭନ ଲେଙ୍କା, ଶ୍ରୀତମ୍ ପରିଡା, ଆନନ୍ଦ ରାଉତ, ପିଙ୍କୁନ୍ ପାତ୍ର, ଅଂଶୁମାନ ମହାପାତ୍ର, ରାହୁଲ ଚାନ୍ଦ, ସଲମାନ ଖାନ୍ ଓ ବିବେକ ରାଉତ ପ୍ରଭୃତି ବୃକ୍ଷରୋପଣ କରିବା ସହିତ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ । ଶେଷରେ ଅନୁଷ୍ଠାନର ଅଧ୍ୟକ୍ଷା ଶଶୀରେଖା ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱାସ୍ଥ୍ୟ ବିଭାଗରେ ଦୁର୍ନୀତି, ଖୋଲୁଛି ଭାନୁମତିର ପେଡି

**ଢେଙ୍କାନାଳ,୫।୬(ନି.ପ୍ର):** ଢେଙ୍କାନାଳ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟକୁ ଅତର୍କିତ ଭାବେ ବିନା ସରକାରୀ ନିର୍ଦ୍ଦେଶରେ ସ୍ଥାନାନ୍ତର କରାଯିବା ପରଠାରୁ ବିବାଦରେ ଜିଲ୍ଲା ପ୍ରଶାସନ ଏବଂ ତତ୍କାଳୀନ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଛନ୍ଦିହୋଇ ଯାଇଥିବା ବେଳେ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲା ମୂଖ୍ୟ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଭିଜିଲାନ୍ସ ପକ୍ଷରୁ ଖୋଳତାଡ ଆରମ୍ଭ ପରେ ସ୍ୱାସ୍ଥ୍ୟ ବିଭାଗ ଦୁର୍ନୀତିର ଭାନୁମତୀ ପେଡି ଖୋଲିବାରେ ଲାଗିଛି । ବିଶେଷ କରି ବିନା ସରକାରୀ ନିର୍ଦ୍ଦେଶରେ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟ ସମେତ ମୂଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡିକୁ ସ୍ଥାନାନ୍ତର କରାଯାଇ ଲକ୍ଷାଧିକ ଟଙ୍କା ହଡପ ହୋଇଥିବା ଜଣା ପଡିବାରୁ ଏହାର ତଦନ୍ତ ପାଇଁ ଭିଜିଲାନ୍ସ ବିଭାଗକୁ ଜିଲ୍ଲା ମୂଖ୍ୟ ଚିକିତ୍ସା ଅଧିକାରୀ ଡଃ ନିରଞ୍ଜନ ମିଶ୍ର ଜଣାଇଥିଲେ । ଭିଜିଲାନ୍ସ ବିଭାଗର ଡି.ଏସ୍.ପି ପହଁଚି ଖୋଳତାଡ ଆରମ୍ଭ କରିବାରୁ ଦୁର୍ନୀତିର ପର୍ଦାଫାସ ହୋଇଥିଲା । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାରେ ଦୁର୍ନୀତି ଏବଂ ଅନ୍ଧତ୍ୱ ଦୂରୀକରଣ ଯୋଜନାରେ ଦୁର୍ନୀତି ଜଣାପଡିବାରୁ ଏହାର ତଦନ୍ତ କରିବା ପାଇଁ ଜିଲ୍ଲାପାଳ ନିଖିଲ୍ ପଓ୍ୱନ କଲ୍ୟାଣ ନିର୍ଦ୍ଦେଶ ଦେଇଥିଲେ । ବିଶେଷ କରି ଅନ୍ଧତ୍ୱ ଦୂରୀକରଣ ଯୋଜନାରେ ଲକ୍ଷାଧିକ ଟଙ୍କା ହଡପ ହୋଇଥିବା ଡଃ ମିଶ୍ରଙ୍କ ନଜରକୁ ଆସିବାରୁ ଏ ସମ୍ପର୍କରେ ସେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ଅବଗତ ହେବାପରେ ଗତ ଏପ୍ରିଲ ମାସ ୨୮ ତାରିଖ ଦିନ ଜିଲ୍ଲା ପ୍ରଶାସନର ଚିଠି ନମ୍ବର ୪୨୭ରେ ଏକ କମିଟି ଗଠନ କରା ଯାଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆ ଯାଇଥିଲା । ଏହି କମିଟିର ଅଧ୍ୟକ୍ଷ ଭାବେ ଢେଙ୍କାନାଳ ତହସିଲଦାର ଉଦୟନାଥ ମହାପାତ୍ର ରହିଥିବା ବେଳେ ସଦସ୍ୟ ଭାବେ ଜଣେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ କମିଟିରେ ରଖାଯାଇ ଦୁର୍ନୀତିର ତଦନ୍ତ କରି ୭ ଦିନ ମଧ୍ୟରେ ରିପୋର୍ଟ ଦେବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ପରେ ତଦନ୍ତ ଆରମ୍ଭ ହୋଇଥିଲେ ମଧ ଅଦ୍ୟାବଧି ଶେଷ ହେଉ ନ ଥିବା ତଥା ରିପୋର୍ଟ ପ୍ରଦାନ କରାଯାଉ ନ ଥିବାରୁ ଦୁର୍ନୀତିକୁ ଘଣ୍ଟ ଘୋଡାଇବା ପାଇଁ ଜୋର୍‌ଦାର ଉଦ୍ୟମ ଚାଲିଛି ବୋଲି ଆଲୋଚନା ଜୋର ଧରିଛି । କେବଳ ସେତିକି ନୁହଁ ଦୁର୍ନୀତିରେ ଲିପ୍ତ ଥିବା ବ୍ୟକ୍ତିଙ୍କୁ ଘଣ୍ଟ ଘୋଡାଇବା ଉଦେଶ୍ୟରେ ଏଥିରୁ ପରଦା ହଟାଯାଉ ନ ଥିବା ତଥା ଏହା ବଦଳରେ ଜଣେ କର୍ମଚାରୀଙ୍କୁ ବଦଳି କରା ଯାଇଥିବାରୁ ଏ ସମ୍ପର୍କରେ ଜୋର୍‌ଦାର ଆଲୋଚନା ହେଉଛି । ଏକପକ୍ଷେ, ନୂତନ ବିଲ୍ଡିଂରେ ରୋଗୀସେବା ବିପର୍ଯ୍ୟସ୍ତ ଅନ୍ୟପକ୍ଷେ ସ୍ୱାସ୍ଥ୍ୟ ବିଭାଗରେ ଦୁର୍ନୀତି ଘଟଣା ସମଗ୍ର ଜିଲ୍ଲାରେ ମୂଖ୍ୟ ଆଲୋଚନାର ବିଷୟ ହୋଇଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ କାର୍ଯ୍ୟକ୍ରମରେ ଲକ୍ଷାଧିକ ଟଙ୍କାର ପ୍ରିଣ୍ଟିଂ ସାମଗ୍ରୀ କିଣା, ଟେଣ୍ଡର ମାଧମରେ ଭୂବନେଶ୍ୱର ଏକ ସଂସ୍ଥା ଦ୍ୱାରା ଆବଶ୍ୟକ ସାମଗ୍ରୀ ଯୋଗାଣ, ଟେଣ୍ଡର ଅବଧି ଶେଷ ହୋଇଥିଲେ ମଧ ପୁନର୍ବାର ଟେଣ୍ଡର କରା ନ ଯାଇ ସାମଗ୍ରୀ କିଣା ଏବଂ ଅଧିକାଂଶ ସାମଗ୍ରୀ କିଣା ନ ଯାଇ କାଗଜପତ୍ରରେ ହେରଫେର୍ ହୋଇଥିବା ଅଭିଯୋଗ ହୋଇଛି । ଏତଦ୍ ବ୍ୟତୀତ ସାମଗ୍ରୀ କିଣାର ୭ ଦିନ ମଧ୍ୟରେ ସମସ୍ତ ଅର୍ଥ ପ୍ରଦାନର ନିୟମ ଥିଲେ ମଧ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମୟ ଗଡାଇ ଦିଆଯାଇ ଦୀର୍ଘ ୬ ମାସ ପରେ ବିଲ୍ କରାଯିବା ସହିତ ଟଙ୍କା ପ୍ରଦାନ କରା ଯାଇଥିବା ଅଭିଯୋଗ ହୋଇଛି । ଠିକ୍ ସେହିଭଳି କିଣା ଯାଉଥିବା ସାମଗ୍ରୀ ଗୁଡିକ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟକୁ ଯାଉଛି କି ନାହିଁ ସନ୍ଦେହ ହେଉଥିବା ବେଳେ ସରକାରଙ୍କ ପିଠା କାର୍ଯ୍ୟକ୍ରମ,ପଲ୍ସ ପୋଲିଓ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ କାର୍ଯ୍ୟକାରୀ ହେଉଥିବା ଆଇ.ଇ.ସି.ବି.ସି କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ହଡପ ହୋଇଥିବାରୁ ପ୍ରଶାସନିକ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ଢେଙ୍କାନାଳ ଜିଲ୍ଲାର ଜନ ସାଧାରଣଙ୍କ ଦାବୀ ହେଉଛି ।

ଗୁରୁବାର,୬ ଜୁନ୍ ୨୦୧୯, ଭୁବନେଶ୍ୱର
Thursday, 6 June 2019, Bhubaneswar



ମହାପୁରୁଷଙ୍କ ଲେଖନୀରୁ ...

ଲମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସମ୍ପାଦକୀୟ

## ଚର୍ଚ୍ଚାରେ ଦିଲ୍ଲୀ ରାଜନୀତି

ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁନାମୀ ସମଗ୍ର ଭାରତରେ ଯେଉଁ ଲହରି ଦେଖାଇଛି ତାହା ଗଣତାନ୍ତ୍ରିକ ବିଶ୍ୱାସବୋଧକୁ ସଂକଳ୍ପ ଓ ଆଶ୍ୱାସନାର ପ୍ରସଙ୍ଗ। ମୋଦିଙ୍କ ମନ୍ତ୍ରୀମଣ୍ଡଳରେ ଦୁଇଜଣ ଓଡ଼ିଆ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଡ଼ିଶା ବିଜେପିର ପୋଷ୍ଟର ବୟ ଧର୍ମେନ୍ଦ୍ର ବାବୁ ପେଟ୍ରୋଲିୟମ ବିଭାଗ ସହ ଇସ୍ପାତ ବିଭାଗ ପାଇଛନ୍ତି ସେହିପରି ରାଜନୀତିର ଉତ୍ସର୍ଗୀକୃତ ଚେତନାର ମୂର୍ତ୍ତିମନ୍ତ ପ୍ରତୀକ ପ୍ରତାପ ଷଡ଼ଙ୍ଗୀ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରମନ୍ତ୍ରୀ ପଦବୀରେ ରହିଛନ୍ତି। ତେବେ ଲୋକସଭାର ବାଚସ୍ପତି ଓ ଉପବାଚସ୍ପତି ପାଇଁ ଦୁଇଜଣ ଓଡ଼ିଆ ଶାସକଙ୍କ ନାମ ସର୍ବାଧିକ ଚର୍ଚ୍ଚାରେ ରହିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପିର ଆଦିବାସୀ ଚେହେରା ଜୁଏଲ ଓରାମଙ୍କ ନାଁ ବାଚସ୍ପତି ପଦ ପାଇଁ ଓ ବିଜେଡ଼ିର ଭେଟେରାନ ସୁଦକ୍ଷ ପାର୍ଲାମେଣ୍ଟେରିଆନ ଭର୍ତ୍ତୃହରି ମହତାବଙ୍କ ନାମ ଉପବାଚସ୍ପତି ପଦ ପାଇଁ ଢ଼େର ଚର୍ଚ୍ଚା ବି ରହିଛି। ଓଡ଼ିଶାର ବିକାଶରେ କେନ୍ଦ୍ରର ବିଜେପି ଓ ଓଡ଼ିଶାର ବିଜେଡ଼ି ସରକାର ପ୍ରଥମରୁ ରାଜନୈତିକ ତାଳମେଳ ରଖି କାର୍ଯ୍ୟ କରୁଛନ୍ତି। ଏବଂ ବିକାଶର ସାମଗ୍ରିକ କ୍ଷେତ୍ରରେ ଦୁଇ ଦଳ ନିକଟତର ହେଉଛନ୍ତି ମଧ୍ୟ। ବାଚସ୍ପତି ଓ ଉପବାଚସ୍ପତି ପଦ ସାମ୍ବିଧାନିକ ପଦବୀ ହୋଇଥିବାରୁ କୌଣସି ଦଳ ସମ୍ପର୍କକୁ ନେଇ ଆଙ୍ଗୁଳି ଉଠାଇପାରିବେ ନାହିଁ ମଧ୍ୟ। ଚଳିତ ଥର ବିଜେଡ଼ି ଭର୍ତ୍ତୃହରି ବାବୁଙ୍କୁ ବାଦ ଦେଇ ସଂସଦୀୟ ନେତା ଭାବେ ପିନାକୀ ମିଶ୍ରଙ୍କୁ ଦାୟିତ୍ୱ ଦେଇଛି। ଗତଥର ରାଜ୍ୟସଭା ଉପାଧ୍ୟକ୍ଷ ପଦ ପାଇଁ ବିଜେଡ଼ିର ଭେଟେରାନ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ନାଁ ଚର୍ଚ୍ଚାର ପରିସର ଭିତରେ ଥିଲା ହେଲେ ବିଜେଡ଼ି ଏହାକୁ ମୁହଁ ଆଡ଼ କରିଥିଲା। ଏହି ମାସ ୧୯ତାରିଖରେ ଲୋକସଭାର ବାଚସ୍ପତି ପଦ ପାଇଁ ନିର୍ବାଚନ ବ୍ୟବସ୍ଥା ରହିଛି। ସଂସଦୀୟ ପ୍ରକ୍ରିୟାରେ ବିଶେଷ ପାରଦର୍ଶିତା ସହିତ ଅଭିଜ୍ଞତା, ଦକ୍ଷତା ଓ ରାଜନୈତିକ ପାରଦର୍ଶିତାର ଅଖଣ୍ଡ ଜ୍ଞାନ ଥିବା ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେବାର ବିଧି ବ୍ୟବସ୍ଥା ରହିଛି। ଏହି ପଦବୀରେ ଦାୟିତ୍ୱ ପ୍ରକ୍ରିୟା ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ କାରଣ ଗଣତାନ୍ତ୍ରିକ ସଂସଦୀୟ ନିୟମାବଳୀରେ ପାଣ୍ଡିତ୍ୟ, ସଂସଦୀୟ ପ୍ରକ୍ରିୟାରେ ଅଗାଧ ତଥ୍ୟଭିତ୍ତିକ ଜ୍ଞାନ, ଆନ୍ତର୍ଜାତୀୟ ସଂସଦୀୟ ଫୋରମରେ ଭାରତର ତତ୍କାଳ ଓ ତଥ୍ୟନିଷ୍ଠ ଓ ଉଚିତ ପ୍ରତିନିଧିତ୍ୱ ତଥା ଅଣ ବିଜେପି ଦଳର ନେତା ମାନଙ୍କ ସହିତ ସୁସମ୍ପର୍କ, ସମନ୍ୱୟ, ବୁଝାମଣା ସହ ଦକ୍ଷ ସାଂସଦ ଭାବେ ଲୋକସଭାରେ ବିଲ ଗୁଡ଼ିକ ପାସ କରାଇବାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ଠା ସେବା ନିର୍ବାହ କରୁଥିବା ବ୍ୟକ୍ତିତ୍ୱଙ୍କ ପାଇଁ ଏହି ପଦବୀ କେବଳ ଦଳୀୟ ଭିତ୍ତିକ ନୁହେଁ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଯୋଗ୍ୟତା ସମ୍ପନ୍ନ।

ଲୋକସଭାର ବାଚସ୍ପତି ପଦ ପାଇଁ ଜୁଏଲ ଓରାମଙ୍କ ନାଁ ଚର୍ଚ୍ଚାର ପରିସରରେ ରହିଛି। ଜୁଏଲ ବାବୁ ୧୯୯୮ରୁ ଏଯାବତ୍ ପାଞ୍ଚଥର ଲୋକସଭା ଜିତିସାରିଲେଣି। ବାଜପେୟୀଙ୍କ କ୍ୟାବିନେଟରେ ପ୍ରଥମ ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ ସହ ମୋଦିଙ୍କ ମନ୍ତ୍ରୀମଣ୍ଡଳରେ ସେ ଏହି ଦାୟିତ୍ୱରେ ଥିଲେ। ତେଣୁ କେନ୍ଦ୍ର ବିଜେପି ତାଙ୍କୁ ଆଦିବାସୀ ଚେହେରା ଭାବେ ଲୋକସଭାର ବାଚସ୍ପତି ଭାବେ ଦାୟିତ୍ୱ ଦେଇ ଦଳର ଆଦିବାସୀ ଭୋଟରଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିଶ୍ଚିତ ଉଦ୍ୟମ କରିବ ଯଦିଓ ଏହି ପଦବୀ ପାଇଁ ବିଜେପିର ବରିଷ୍ଠ ନେତ୍ରୀ ମେନେକା ଗାନ୍ଧୀ, ରାଧାମୋହନ ସିଂହ, ବୀରେନ୍ଦ୍ର କୁମାର, ଏସ୍.ଏସ୍.ଆଲୁଆଲିଆ, ରମେଶ ଜିଗାଜିଗାରୀଙ୍କ ନାମ ବି ରହିଛି। ତେବେ ଗୁରୁତ୍ୱପୂର୍ଣ୍ଣ ଉପବାଚସ୍ପତି ପଦ ପାଇଁ ବିଜେଡ଼ିର ଦକ୍ଷ ଭେଟେରାନ ଓ ଯୋଗ୍ୟତମ ନେତା ଭର୍ତ୍ତୃହରି ମହତାବଙ୍କ ନାମ ବି ଉଠୁଛି। ବିଜେଡ଼ିର ଏହି କର୍ମଚିନ୍ତନର ଦକ୍ଷ ପାର୍ଲାମେଣ୍ଟେରିଆନଙ୍କୁ ସର୍ବ ସମ୍ମତି କ୍ରମେ ଲୋକସଭାର ଉପବାଚସ୍ପତି ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଢ଼େର ବର୍ଷ ତଳେ ଏକମାତ୍ର ଓଡ଼ିଆ ରବିରାୟ ଲୋକସଭାରେ ବାଚସ୍ପତି ହୋଇଥିଲେ ପରେ ଓଡ଼ିଶାର ବରିଷ୍ଠ ନେତା ପୂର୍ବତନ ସାଂସଦ ଅର୍ଜୁନ ସେଠୀ ରାଜନୈତିକ ଅଭିଜ୍ଞତା ଦୃଷ୍ଟିରୁ ବାଚସ୍ପତି ଓ ଉପବାଚସ୍ପତିଙ୍କ ଅନୁପସ୍ଥିତିରେ ଗୃହ କାର୍ଯ୍ୟ ଚଳାଉଥିଲେ ବି ସେ ପୂର୍ଣ୍ଣକାଳୀନ ବାଚସ୍ପତି ହେବାର ସୌଭାଗ୍ୟ ପାଇନଥିଲେ। ଭର୍ତ୍ତୃହରି ବାବୁ ଲୋକସଭାରେ ଶ୍ରେଷ୍ଠ ସାଂସଦ (୨୦୧୭) ଭାବେ ନିଜ କାର୍ଯ୍ୟ ପ୍ରତିପାଦନ କରିବାରେ ଦକ୍ଷତା ପ୍ରଦର୍ଶନ କରିଥିଲେ। ତାଙ୍କ ସହ ସମସ୍ତ ରାଜନୈତିକ ଦଳର ପ୍ରମୁଖ ନେତା ମାନଙ୍କ ସହ ସୁସମ୍ପର୍କ ରହିଛି। ଭର୍ତ୍ତୃହରି ମହତାବ ଗୁରୁତ୍ୱପୂର୍ଣ୍ଣ କଟକ ସଂସଦୀୟ କ୍ଷେତ୍ରରେ ଲଗାତାର ପାଞ୍ଚଥର ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି। ଗଣତାନ୍ତ୍ରିକ ପରମ୍ପରା ଅନୁଯାୟୀ ଉପବାଚସ୍ପତି ପଦ ବିରୋଧୀ ଦଳକୁ ପ୍ରଦାନ କରାଯାଇଥାଏ। ଗତଥର ଏଆଇଡ଼ିଏମ୍‌କେର ଅମ୍ବି ଦୁରାଇ ଉପବାଚସ୍ପତି ଦାୟିତ୍ୱରେ ଥିଲେ। କିନ୍ତୁ ଏହା ଭିତରେ ଏକ ବଡ଼ ରୋଚକ ଖବର ଆମ ସାମ୍ନାକୁ ଆସିଛି। ବିଜେଡ଼ିର ସୁପ୍ରିମୋ ନବୀନ ବାବୁ ଏହି ମାସ ୮ ତାରିଖରେ ତାଙ୍କ ନିର୍ଭରଯୋଗ୍ୟ ମନ୍ତ୍ରୀ ମାନଙ୍କୁ ନେଇ ପ୍ରଧାନ ମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଚଳିତ ନିର୍ବାଚନରେ ବିଜେଡ଼ି ଓଡ଼ିଶାର ୨୧ଟି ସଂସଦୀୟ କ୍ଷେତ୍ରରୁ ୨୧ ଲୋକସଭା ଆସନ ଜିଣିବା ପାଇଁ ଦଳୀୟ ବାର୍ତ୍ତା ଦେଇଥିଲା। ଗତଥର ବିଜେଡ଼ି ୨୦ ଆସନ ପାଇଥିବାବେଳେ ଚଳିତ ଥର ବିଜେପି ୮ଟି ଆସନ ପାଇଛି। କେନ୍ଦ୍ର ଅବହେଳାକୁ ପ୍ରସଙ୍ଗ କରି କେନ୍ଦ୍ରର ମୋଦି ସରକାରଙ୍କୁ ସାମ୍ନା କରିବାର ସାମର୍ଥ୍ୟ ବିଜେଡ଼ି ଆଉ ରଖିପାରିବ ନାହିଁ। ଅମିତ୍ ଶାହାଙ୍କ ପରି ସୁଦକ୍ଷ ନେତୃତ୍ୱ ସ୍ୱରାଷ୍ଟ୍ର ବିଭାଗ ଦାୟିତ୍ୱ ପାଇବା ପରେ ଓଡ଼ିଶା ସରକାର ସେମାନଙ୍କ ଦକ୍ଷତା ଓ ପ୍ରଭାବକୁ ନେଇ ପଛଘୁଞ୍ଚା ଦେବାକୁ ଏକ ପ୍ରକାର ବାଧ୍ୟ ହେବେ। କେନ୍ଦ୍ର ସରକାରଙ୍କୁ ସମର୍ଥନ ଆଦୌ ଆବଶ୍ୟକ କରିବ ନାହିଁ କେନ୍ଦ୍ର ବିଜେପି। ତେଣୁ ଶରଣ ମୁଦ୍ରାରେ ବିଜେଡ଼ି ମୋଦିଙ୍କ ଶରଣାପନ୍ନ ହେବାର ସମ୍ଭବତଃ ନିଶ୍ଚିନ୍ତ ଭାବରେ ରାଜନୈତିକ ବାଧ୍ୟବାଧକତା। ଓଡ଼ିଶା ବିଜେପିର ଜୁଏଲ ଓରାମ ଓ ବିଜେଡ଼ିର ଦକ୍ଷ ସାଂସଦ ଭର୍ତ୍ତୃହରି ବାବୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଇଲେ କୋଟି କୋଟି ଓଡ଼ିଆମାନେ ନିଶ୍ଚୟ ଖୁସି ହେବେ। ଏହି ଲେଖକ ପ୍ରଥମରୁ ହିଁ ଓଡ଼ିଶାର ପ୍ରଗତିରେ ଦୁଇଦଳର ସହଯୋଗ ପାଇଁ ଆଶା ରଖିଛି। ଦୁଇଜଣ ଓଡ଼ିଆ ଗୁରୁତ୍ୱପୂର୍ଣ୍ଣ ପଦବୀରେ ପାଇଲେ ସେହି ଦିନଟି ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଆନନ୍ଦ, ଗର୍ବ ଓ ଗୌରବର ଦିନ ନିଶ୍ଚୟ ହେବ।

# ସାଂଘାଇ ସହଯୋଗ ସଂଗଠନ

**ନଗେନ୍ଦ୍ର ନାଥ ପଟ୍ଟନାୟକ**

ଏଇ କେଇଟା ଦିନ ତଳେ ଅନୁଷ୍ଠିତ ସପ୍ତଦଶ ଲୋକସଭା ନିର୍ବାଚନର ଫଳାଫଳ ଘୋଷଣା ହୋଇସାରିଛି। ଆଉ ଏଥିରେ ଭାରତର ପ୍ରଧାନମନ୍ତ୍ରୀ ମୋଦୀ ବିପୁଳ ବିଜୟ ହାସଲ କରିଛନ୍ତି। ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ ହେବା ପରେ ତାଙ୍କର ପହିଲି ବିଦେଶ ଗସ୍ତ ଗିରଗିଜସ୍ତାନ ହେବ ବୋଲି ଜଣାପଡିଛି। ସେଇଠି ସିଏ ସାଂଘାଇ ସହଯୋଗ ସମ୍ମିଳନୀରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ସମ୍ପ୍ରସାରଣବାଦୀ ଚୀନ ଓ ବିକାଶଶୀଳ ରାଷ୍ଟ୍ର ଭାରତ ପାଇଁ ଏହି ସମ୍ମିଳନୀ ବେଶ୍ ଗୁରୁତ୍ୱ ବହନ କରେ। ଅନ୍ତର୍ଜାତୀୟ ପ୍ରେକ୍ଷାପଟରେ ଦେଖିଲେ ଚୀନ ଓ ଭାରତର ଆଭିମୁଖ୍ୟ ପ୍ରାୟ ସମାନ। ଏହା ଆଗରୁ ଭାରତ ସହିତ ବନ୍ଧୁତ୍ୱ ରକ୍ଷା ପାଇଁ ସବୁ ପ୍ରକାର ଇଙ୍ଗିତ ଦେଇସାରିଛି ଚୀନ। ସେପଟେ ମଧ୍ୟ ପ୍ରାଚ୍ୟରେ ଯୁଦ୍ଧର ଦୁନ୍ଦୁଭି ଉଭୟ ଭାରତ ଓ ଚୀନକୁ ପ୍ରଭାବିତ କରିବାର ସମ୍ଭାବନା ଉପୁଜିଛି। ଇରାନ ଉପରେ ଭାରତର କୋପ ଅତି ଉଗ୍ରରୂପ ନେବାରେ ଲାଗିଛି। ସେଥିରୁ ଆମେରିକାକୁ ବାରଣ କରିବା ସକାଶେ ବିଶ୍ୱର କୌଣସି ରାଷ୍ଟ୍ର ଆଗୁସାର ହେଉ ନ ଥବା ଲକ୍ଷ କରାଯାଉଛି। ପରମାଣୁ ଅସ୍ତ୍ର ନିୟନ୍ତ୍ରଣର ବାହାନା ଦେଖାଇ ଆମେରିକା ଇରାନ ଉପରେ ଦାଉ ସାଧୁଛି ସିନା ହେଲେ ଅସଲରେ ଦେଖିଲେ ତାହାର ଲୋଲୁପ ଦୃଷ୍ଟି ନିବଦ୍ଧ ରହିଛି ଇରାନର ତୈଳକୂପ ଉପରେ।

ଶୀତଳ ଯୁଦ୍ଧ ଉପରାନ୍ତେ ମଧ୍ୟ ପ୍ରାଚ୍ୟରେ ଗଚ୍ଛିତ ଥିବା ବିପୁଳ ତୈଳ ସମ୍ପଦ ଉପରେ ଏକଚାଟିଆ ଅଧିକାରକୁ ସାବ୍ୟସ୍ତ କରିବାକୁ ଏଯାବତ ପ୍ରୟାସ ଚଲାଇଛି ଆମେରିକା। ତେଣେ ଇରାନର ସକ୍ରିୟ ସହଯୋଗ ହେତୁ ଉଭୟ ଭାରତ ଓ ଚାଇନା ସେଠୁ ତୈଳ ଆମଦାନୀ କରୁଛନ୍ତି। ତେଣୁ ଏ ଦୁଇ ଦେଶକୁ ଆମେରିକାର ରୋଷର ଶୀକାର ହେବାକୁ ପଡୁଛି। ଏଭଳି ସଂଗୀନ ପରିସ୍ଥିତି ଲାଗିରହିଲେ ବିଶ୍ୱ ବଜାରରେ ଯେ ତୈଳ ସଂକଟ ମୁଣ୍ଡ ଟେକିବ ଏଥିରେ ଲେଶମାତ୍ର ସନ୍ଦେହ ନାହିଁ। ତେବେ ଯାର ବୈକଳ୍ପିକ ପନ୍ଥା ସ୍ୱରୂପ ଇରାନର ମିତ୍ର ରାଷ୍ଟ୍ରଗୁଡିକୁ ଏକତା ସୂତ୍ରରେ ଯୋଡିହେବା ନିହାତି ଦରକାର। ତେବେ ଯାଇ ଆମେରିକାର ଆକ୍ରମଣକୁ ସେମାନେ ମିଳିତ ଭାବେ ସଫଳତାର ସହ ମୁକାବଲା କରିପାରିବେ। ବିଶେଷକରି ଏଇ ଦୁଇଦେଶକୁ ଏଥିପାଇଁ ଆପୋସ ବୁଝାମଣା କରିବାକୁ ପଡିବ।

ଏହି ପୃଷ୍ଠଭୂମିରେ ଦେଖିଲେ ଆଗକୁ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନର ସମ୍ମିଳନୀ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ଏହି ଶିଖର ସମ୍ମିଳନୀରେ ଭାରତକୁ ମିଶାଇ ଆଉ କେତେକ ପ୍ରମୁଖ ରାଷ୍ଟ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେବେ ଏଥିରେ ଯେମିତି ବିଭିନ୍ନ ଦ୍ୱିପାକ୍ଷିକ ତଥା ବହୁପାକ୍ଷିକ ପ୍ରସଙ୍ଗରେ ସହମତି ପ୍ରକାଶ ପାଏ ସେଥିପ୍ରତି ଭାରତ ଆଡୁ ଠୋସ ପଦକ୍ଷେପ ନିଆଯିବା ଦରକାର। କିରିଗିସ୍ତାନର ରାଜଧାନୀ ବିସକେକ୍‌ରେ ଆୟୋଜିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ମୋଦୀ,ଚୀନ ରାଷ୍ଟ୍ରପତି ଓ ପାକିସ୍ତାନର ପ୍ରଧାନମନ୍ତ୍ରୀଙ୍କ ସହ ଭେଟ ହେବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇସାରିଛି। ଦୁଇ ଦିନିଆ ସମ୍ମିଳନୀରେ ନାନାଦି ପ୍ରମୁଖ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବାର ରହିଛି। ବିଶେଷତଃ ଭାରତ ଓ ଚୀନ ମଧ୍ୟରେ ବାଣିଜ୍ୟିକ କାରବାର ବୃଦ୍ଧି ସକାଶେ ଉଭୟ ଦେଶର ଶୀର୍ଷ ନେତାଗଣ ଆଲୋଚନାରେ ସକ୍ରିୟ ଭାଗ ନେବେ। ଚୀନକୁ ସଠିକ ବାଟକୁ ଅଣାଯିବା ସଙ୍ଗେ ସଙ୍ଗେ ଭାରତ ଆଡୁ ବିଭିନ୍ନ କ୍ଷେତ୍ରରେ ଉପୁଜିଥିବା କେତେକ ବିବାଦୀୟ ପ୍ରସଙ୍ଗକୁ ନେଇ ଆଲୋଚନା କରାଯାଇପାରେ।

ସାଂପ୍ରତିକ ପରିସ୍ଥିତିରେ ଆମେରିକା ସହିତ ଚୀନ ବାଣିଜ୍ୟିକ ଯୁଦ୍ଧରେ ଅବତୀର୍ଣ୍ଣ ହେବା କାରଣରୁ ସେଠି ଅବସ୍ଥିତ ଅନେକ ବିଦେଶ କମ୍ପାନୀଗୁଡିକୁ ହଟାଇବାର ଆଭିମୁଖ୍ୟ ଆପଣାଇଛି ଚୀନ। ତେଣେ ଏସବୁ କମ୍ପାନୀଗୁଡିକୁ ନିଜ ଆଡକୁ ଆକୃଷ୍ଟ କରିବାକୁ ରଣକୌଶଳ ପ୍ରସ୍ତୁତ କରୁଛି ଭାରତ। ଏଥି ସକାଶେ କେତେକ ଦସ୍ତାବିଜ ମଧ୍ୟ ପ୍ରସ୍ତୁତ ହୋଇଛି,ଯେଉଁଥିରେ କି ଚୀନ ସହିତ ବାଣିଜ୍ୟିକ ନିଅଂଟକୁ ହ୍ରାସ କରିବାକୁ ପ୍ରସ୍ତାବ ରହିଛି। ଏଇଠି ଉଲ୍ଲେଖ କରିବା ପ୍ରୟୋଜନ ଯେ,୨୦୧୭-୧୮ରେ ଚୀନ ସହ ଭାରତ ବାଣିଜ୍ୟିକ ନିଅଂଟ ଥିଲା ମାତ୍ର ୭୩୦୪ କୋଟି। ତେବେ ୨୦୧୭ରେ ଚୀନ ସହିତ ବାଣିଜ୍ୟ ନିଅଣ୍ଟ ହ୍ରାସ କରିବା ଲାଗି ଭାରତ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ସୁତରାଂ ଆମଦାନୀକୁ କମାଇ ଚୀନକୁ ରପ୍ତାନୀ ବୃଦ୍ଧି କରିବା ଥିଲା ଏହାର ପ୍ରମୁଖ ଉଦ୍ଦେଶ୍ୟ । ସ୍ୱଦେଶୀ ସାମଗ୍ରୀ ଉତ୍ପାଦନ ଜରିଆରେ ଆମଦାନୀ ହ୍ରାସ କରାଯାଇପାରିବ ବୋଲି ଭାରତ ସୂଚେଇ ଦେଇଥିଲା। ୟୁରୋପୀୟ ସଂଘ ଏବଂ ଭାରତୀୟ କମ୍ପାନୀଗୁଡିକ ସହିତ ପ୍ରତିଯୋଗିତା ସକାଶେ ଷ୍ଟାଣ୍ଡାଡ ସୁଯୋଗ ସୃଷ୍ଟି କରି ଘରୋଇ ଉତ୍ପାଦନକୁ ମଜଭୁତ କରିବାର ଲକ୍ଷ ନିର୍ଦ୍ଧାରିତ ହୋଇଥିବା କୁହାଯାଏ। ସେପଟେ ଦେଖିଲେ ଅନେକ ବିଦେଶୀ କମ୍ପାନୀ ଚୀନରୁ ସେମାନଙ୍କ ଉତ୍ପାଦନ ୟୁନିଟ ଗୁଡିକୁ ହଟାଇବାକୁ ବେଶ୍ ଆଗ୍ରହୀ। ଇଲୋକ୍ଟ୍ରୋନିକସ୍ ତଥା ଉପଭୋକ୍ତା ଉପକରଣ, ବୟନ,ମେଡିକାଲ ସାମଗ୍ରୀ ଓ ଭାରୀ ଶିଳ୍ପକ୍ଷେତ୍ର ସହ ଜଡିତ କମ୍ପାନୀଗୁଡିକ ଚୀନରୁ ଅପସାରଣ କରାଯାଇ ଭାରତରେ ସ୍ଥାପନ କରାଗଲେ ଭାରତ ଅର୍ଥନୀତିରେ ଆଖିଦୃଶିଆ ଅଭିବୃଦ୍ଧି ଘଟିପାରନ୍ତା। ତେଣୁ ବାଣିଜ୍ୟିକ କାରବାର ବୃଦ୍ଧି ପ୍ରସଂଗକୁ ନେଇ ଦୁଇ ଦେଶ ମଧ୍ୟରେ ଆଲୋଚନା ସକାରାତ୍ମକ ହେଲେ ଭାରତ ସେସବୁ ସୁଯୋଗକୁ ହାତେଇପାରନ୍ତା । ଏ ସଂକ୍ରାନ୍ତରେ ଚୀନ ସହିତ ଭାରତର ଯଦି ଆପୋସ ବୁଝାମଣା ନହୁଏ ତେବେ ସେ ଭାରତକୁ ନେଇ ଆମେରିକା ବିରୋଧରେ ବାଣିଜ୍ୟିକ ଯୁଦ୍ଧ ଲଢିପାରିବ ନାହିଁ। ଏଭଳି ସ୍ଥିତିରେ ଚୀନ,ରୁଷିଆ ଓ ଭାରତର ମିଳିତ ମେଣ୍ଟର ଆବଶ୍ୟକତା ନିହାତି ଜରୁରୀ ମନେହୁଏ। ଚୀନ ଯେହେତୁ ଭାରତ ଉପରେ ଆସ୍ଥା ପ୍ରକଟ କରୁନି ସେଥିପାଇଁ ଏସିଆ ମହାଦେଶରେ ଆମେରକା ତାର ପ୍ରଭୁତ୍ୱ ବିସ୍ତାର କରିବାରେ ଲାଗିଛି। ତେବେ ଚୀନ ଆମେରିକା ସହିତ ପ୍ରତିଦ୍ୱନ୍ଦିତା କରି ତିଷ୍ଠିପାରିବ ନାହିଁ ବୋଲି ଦୃଢ ବିଶ୍ୱାସ। ସେପଟେ ଦେଖିଲେ ଏସୀୟ ମୈତ୍ରୀ ଓ ଏକତା ବଜାୟ କ୍ଷେତ୍ରରେ ଚୀନ ତାର ଭୂମିକାକୁ ଯେମିତି ନିର୍ବାହ କରିବା କଥା ସେମିତି କରୁନି। ଏସିଆର ପ୍ରତିଟି ରାଷ୍ଟ୍ର ଊଣାଅଧିକେ ଆମେରିକାର ସଖୀ କଂଢେଇ ସାଜିଛନ୍ତି,ଆମେରିକାର ନିର୍ଦ୍ଦେଶରେ ଉଠବସ ହେଉଛନ୍ତି। ସର୍ବବୃହତ ଗଣତାନ୍ତ୍ରୀକ ରାଷ୍ଟ୍ର ଆମେରିକା ରହିଛି ବିଶେଷ ସାମରିକ କ୍ଷମତା ଓ ସାମର୍ଥ୍ୟ। ସେଥିପାଇଁ ଆମେରିକା ସର୍ବଦା ସମସ୍ତଙ୍କ ଉପରେ ମୁରବୀପଣିଆ ଜାହିରୀ କରିବାକୁ ଯତ୍‌ପରୋନାସ୍ତି ଉଦ୍ୟମ ଚଳାଇଛି। ବିଶେଷକରି ଆମେରିକା ବିଶ୍ୱର ଅନ୍ୟ ଦେଶକୁ ବିନାଶକାରୀ ଯୁଦ୍ଧାସ୍ତ୍ର ବିକ୍ରୟ କରି ପ୍ରଚୁର ଧନରାଶୀ ବୋହିଆଣୁଛି। ବିଶ୍ୱର ରାଷ୍ଟ୍ରସମୂହ ଯଦି ମିଳିମିଶି ଏକଜୁଟ ହୋଇ ଆମେରିକାଠାରୁ ଯୁଦ୍ଧାସ୍ତ୍ର କିଣା ବନ୍ଦ କରିଦିଅନ୍ତେ ତେବେ ଆମେରିକା ଅର୍ଥନୀତି ତାସଘର ଭଳି ଭୁଷିଡିପଡ।

*୯୯୯-ୟ, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି
ଭୁବନେଶ୍ୱର, ମୋ-
୯୪୩୮୩୩୨୧୩୮*

# ସ୍ୱାସ୍ଥ୍ୟ ପ୍ରକଳ୍ପ, ସ୍ୱାସ୍ଥ୍ୟ ଭିତିଭୂମୀ ଓ ସରକାର

**ଶରତ କୁମାର ରାଉତ**

ଓଡ଼ିଶାରେ ଅନେକ ସ୍ୱାସ୍ଥ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଗୁଡ଼ାଏ ନିଷ୍ପତି ଓ ପଦକ୍ଷେପ ଗ୍ରହଣ କରାଯାଉଛି। ହେଲେ ସ୍ୱାସ୍ଥ୍ୟସେବାର ଉନ୍ନତି ଶୂନ। ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶ ତଥା ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ପାଇଁ କାର୍ଯ୍ୟକାରୀ ହୋଇଥିବା୧୯୮୩-୮୪ରେ ଜାତୀୟ ସ୍ୱାସ୍ଥ୍ୟ ନୀତି, ୧୯୮୭-୮୮ରେ ପ୍ରଜନନ ଶିଶୁସ୍ୱାସ୍ଥ୍ୟ ପ୍ରକଳ୍ପ, ୧୯୯୯-୨୦୦୭ ରେ ଓଡ଼ିଶା ସ୍ୱାସ୍ଥ୍ୟ ଉନ୍ନୟନ ପ୍ରକଳ୍ପ, ୨୦୦୧-୦୨ ରେ ଶିଶୁ ମୃତ୍ୟୁହାର ହ୍ରାସ ମିସନ୍,୨୦୦୨-୦୩ ରେ ସମନ୍ୱିତ ସ୍ୱାସ୍ଥ୍ୟସେବା ନୀତି ଓ କୌଶଳ ଭିଜନ୍-୧୦, ୨୦୦୫ରୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିସନ୍, ୨୦୦୭ ରୁ ନରୱେ ଏବଂ ଭାରତ ସରକାରଙ୍କ ମିଳିତ ସହଯୋଗ (ନିପି)ରେ ଯଶୋଦା ନିଯୁକ୍ତି ଓ ମାତୃ-ଶିଶୁ ସ୍ୱାସ୍ଥ୍ୟ ଯୋଜନା, ୨୦୧୧ ଅକ୍ଟୋବର ୧୯ ରୁ ମମତା ଯୋଜନା ଆଦି ଫେଲ୍ ମାରିଛି।୨୦୨୦ ସୁଦ୍ଧା ଶିଶୁ ଓ ମାତୃ ମୃତ୍ୟୁହାର ଯଥେଷ୍ଟ କମାଇବାକୁ ୨୦୧୫ ମଇ ୧୯ ତାରିଖରେ ରାଜ୍ୟ ସରକାରଙ୍କ ଦ୍ୱାରା୧୫ଟି ପଛୁଆ ଜିଲ୍ଲାର ୬୮ଟି ଅବହେଳିତ ବ୍ଲକ୍‌ରେ ୫୦ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ଯୋଜନା ଘୋଷଣା ମଧ୍ୟ ଫେଲ୍ ମାରିଛି। ଏହି ସ୍ୱତନ୍ତ୍ର ଯୋଜନା ୨୦୧୫ ଅଗଷ୍ଟ ୭ ତାରିଖରେ କାର୍ଯ୍ୟକାରୀ ହୋଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଏଥିରୁ କୌଣସି ସୁଫଳ ମିଳିନାହିଁ। ୨୦୧୭ ଡ଼ିସେମ୍ବର ୩ୟ ସପ୍ତାହରେ ମୁଖ୍ୟମନ୍ତ୍ରୀ ୪ ନୂଆ ସ୍ୱାସ୍ଥ୍ୟ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ଗୁଡ଼ିକ ହେଲା, "ନିଦାନ", "ସହାୟ", "ଆମ କ୍ଲିନିକ୍" ଓ "ଅନମୋଲ୍ ଟାବ୍‌ଲେଟ୍"। ଆଉ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୮ ଅଗଷ୍ଟ ୧୫ ତାରିଖରେ କାର୍ଯ୍ୟକାରୀ ହୋଇଥିଲା 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'। ହେଲେ ଏହି ଯୋଜନା ଗୁଡ଼ିକ ଯେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ସଂସ୍କାର ଆଣିବ ବା ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶ କରାଇବ, ଏହାର କିଛି ଗ୍ୟାରେଂଟି ନଥିବା ଜଳଜଳ ଦେଖାଯାଉଛି । ଯେହେତୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ସ୍ୱାସ୍ଥ୍ୟ ପ୍ରକଳ୍ପ ଗୁଡ଼ିକ ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଜଭୁତ କରିବାରେ ବିଫଳ ହୋଇଛି। ବିଭିନ୍ନ ପ୍ରକଳ୍ପ ଛଡ଼ା ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ ୟୁନିସେଫ୍, ବିଶ୍ୱସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱବ୍ୟାଙ୍କ, ବ୍ରିଟିଶ୍ ଏଡ଼୍‌ସ ସ୍କିମ୍, ୟୁଏନ୍‌ଡ଼ିପି, ଆରସିଏଚ୍, ଡ଼୍ୟାନଟିବି, କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଜେଡ୍.ଏସ୍.ଏସ୍, ଆଇଏନ୍‌ଡ଼ିପି, ଆଇପିଡ଼ିପି, ଆଇଇସି ଆଦି ସଂସ୍ଥାରୁ ସ୍ୱାସ୍ଥ୍ୟ ବିଭାଗକୁ କୋଟି କୋଟି ଟଙ୍କା ଆସୁଛି। ହେଲେ ଯୋଜନା ଚାଲିଛି କିପରି, କେଉଁଠି ଓ କାହାପାଇଁ( ?), କେହି କିଛି ଜାଣିପାରୁ ନାହାଁନ୍ତି। କେବଳ ସ୍ପଷ୍ଟ ଦେଖାଯାଉଛି, ସାରା ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି। ବିଶେଷତଃ ଶିଶୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ମୃତ୍ୟୁର ଅାଁ ଭିତରକୁ ଚାଲି ଯାଇଛି।

ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମିର ଅଭାବ ଓ ପରିଚାଳନାଗତ ତ୍ରୁଟି ସୀମା ପାର କରିଛି। କଟକ ଶିଶୁ ଭବନ ଶିଶୁ ମୃତ୍ୟୁ, ନଗଡ଼ା ଆଦିବାସୀ ଶିଶୁ ମୃତ୍ୟୁ ଓ ମାଲକାନଗିରିରେ ଲଗାତାର ଅବୋଧ ଆଦିବାସୀ ଶିଶୁଙ୍କର ମୃତ୍ୟୁ ବିଭିଷୀକା ଏହାର ଜ୍ୱଳନ୍ତ ଉଦାହରଣ। ଅଧିକାଂଶ ଜିଲ୍ଲା ସଦର ମହକୁମା ହସ୍ପିଟାଲ୍‌ରେ ଆଇସିୟୁ ପ୍ରକୋଷ୍ଠରେ ତାଲା ଝୁଲୁଛି। କେତେକ ସ୍ଥାନରେ ଜୀବନ ରକ୍ଷାକାରୀ ଅକ୍ସିଜେନ୍‌ର ସଂଯୋଗ ମଧ୍ୟ ନାହିଁ। ରାଜ୍ୟରେ ୩୧୪ଟି ବ୍ଲଡ଼୍ ଷ୍ଟୋରେଜ୍ ୟୁନିଟ୍, ଉପଜିଲ୍ଲା ଓ ଜିଲ୍ଲା ହସ୍ପିଟାଲ୍ ମାନଙ୍କରେ ବ୍ଲଡ଼୍ ବ୍ୟାଙ୍କ୍ ପ୍ରତିଷ୍ଠା ପାଇଁ ସ୍ୱାସ୍ଥ୍ୟ ମିସନ୍‌ର ଲକ୍ଷ୍ୟ ଫେଲ୍ ମାରିଛି। ମିସନ୍‌ର ହର୍ତ୍ତାକର୍ତ୍ତା ସାଜିଥିବା ଅନଭିଜ୍ଞ, ଅଦକ୍ଷ ଓ ଅସ୍ଥାୟୀ କର୍ମଚାରୀଙ୍କ ହାତରେ ଛାଡ଼ି ଦିଆଯାଉଛି ରାଜ୍ୟର ସ୍ୱାସ୍ଥ୍ୟସେବା ଦାୟିତ୍ୱ। ସରକାରୀ ଡ଼ାକ୍ତରଖାନାରେ ରୋଗୀମାନେ ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି। ଏଠାରେ ସୁବିଧାରେ ରକ୍ତ, ମଳ, ମୂତ୍ର ଆଦି ବିଭିନ୍ନ ପରିକ୍ଷା ବ୍ୟବସ୍ଥା ଥିଲେ ହେଁ ରୋଗୀଙ୍କୁ ଘରୋଇ ପରିକ୍ଷାଗାର ଉପରେ ନିର୍ଭର କରିବାକୁ ପଡୁଛି। ବହୁମୂଲ୍ୟ ଔଷଧ ମିଳିବାତ ଦୂରର କଥା, ସାଲାଇନ୍ ବା ସାଧାରଣ ରୋଗର ବଟିକା ମଧ୍ୟ ରୋଗୀଙ୍କୁ ବାହାରୁ କିଣିବାକୁ ପଡୁଛି। ରାଜ୍ୟ ସରକାର କୋଟିକୋଟି ଟଙ୍କାର ଅନେକ ପ୍ରକାର ଔଷଧ କିଣନ୍ତି। ମାତ୍ର ସେସବୁ ରୋଗୀଙ୍କ ଭାଗରେ ପଡ଼େନି। କର୍ମଚରୀଙ୍କ ଦ୍ୱାରା କିଛି ହରିଲୁଟ୍ ହୁଏ, କିଛି ସମୟ ସୀମା ଶେଷ ପରେ ବଂଟାଯାଏ ଓ ଆଉକିଛି ବର୍ଷ ଶେଷ ବେଳକୁ ନଷ୍ଟ କରି ଦିଆଯାଏ। ତେବେ ସରକାରୀ ଡ଼ାକ୍ତରଖାନାରେ ୨୪ ଘଂଟା ମାଗଣା ଔଷଧ ବାଂଟିବାକୁ ୨୦୧୫ ମଇ ୧ ତାରିଖରୁ 'ନିରାମୟ' ଯୋଜନା ଆରମ୍ଭ ହୋଇଥିଲା। ଏହା ହାସ୍ୟାସ୍ପଦରେ ପରିଣତ ହୋଇଛି। ତଥାପି ଟଳମଳ ଅବସ୍ଥାରେ ଥିବା ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ସ୍ଥାନରେ ଲୋକମାନଙ୍କୁ ଭୂଆଁ ବୁଲାଇବା ପାଇଁ ନୂଆ ନୂଆ ଯୋଜନା ଘୋଷଣା ଚାଲିଛି। ଆଶ୍ଚର୍ଯ୍ୟର କଥା ଯେ, ସରକାର ଯେତେ ଯାହା କଲେ ବି ଲୋକଙ୍କୁ ନିର୍ଭର କରିବାକୁ ପଡୁଛି ଘରୋଇ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ।

୨୦୦୫ରୁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିସନ୍ (ଏନ୍‌ଆର୍‌ଏଚ୍‌ଏମ୍) କାର୍ଯ୍ୟକାରୀ ହେଉଛି। ସମୁଦ୍ର ଲହଡ଼ି ଭଳି ଅନୁଦାନ ସ୍ରୋତ ମାଡ଼ି ଆସୁଛି। ରଙ୍ଗାରଙ୍ଗ ଘର, କାଚର ଦ୍ୱାର ଓ ଝରକା, ଏସି ମେସିନ୍, ମାର୍ବଲ୍ ଚଟାଣ, ଗଦି ଲଗା ଚେୟାର୍, ନିୟନ୍ ଲାଇଟ୍, ଶହଶହ ଗାଡ଼ି ଓ ସୁନ୍ଦର ଉଦ୍ୟାନରେ ହସ୍ପିଟାଲ୍ ଗୁଡ଼ିକ ଶୋଭା ପାଉଛି। ହେଲେ ବାସ୍ତବ ଭିତିଭୂମିର ବିକାଶ ହୋଇନାହିଁ। କୌଣସି ମୁହୂର୍ତରେ ମିସନ୍ କାର୍ଯ୍ୟ ବନ୍ଦ୍ ହୋଇଗଲେ ଓ ଅନୁଦାନର ମହାନଦୀ ଶୁଖି ଗଲେ, ତା'ପରେ ରାଜ୍ୟରେ କି ଅବସ୍ଥା ହେବ ବିଭାଗୀୟ ମନ୍ତ୍ରୀ କି ସଚିବ ଥରେ ଚିନ୍ତା କଲେଣି କି ? ଆଜି ଯେତିକି ଭିତିଭୂମିର ବିକାଶ ହୋଇଥିବା ଆମେ ଦେଖୁଛେ, ତାହା ସ୍ୱାସ୍ଥ୍ୟ ମିସନ୍‌ର ଦାନ। ଆୟୁଷ କାର୍ଯ୍ୟକ୍ରମ ଅନ୍ତର୍ଗତ ହୋମିଓପାଥୀ, ଆର୍ଯ୍ୟୁବେଦ, ଯୋଗ, ୟୁନାନୀ, ସିଦ୍ଧ ଓ ନେଚରପାଥୀ ଚିକିତ୍ସା ସେବାର ଉନ୍ନତି କରାଇବା ମିସନ୍‌ର ମୂଳ ଲକ୍ଷ୍ୟ। ମିସନ୍ ଦ୍ୱାରା ବିଭିନ୍ନ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ହୋମିଓ ଏବଂ ଆୟୁର୍ବେଦ ଡ଼ାକ୍ତର ନିଯୁକ୍ତି ଦିଆ ଯାଉଛି। ହେଲେ ହୋମିଓ ଏବଂ ଆୟୁର୍ବେଦ ଚିକିତ୍ସାଳୟ ଗୁଡ଼ିକରେ ଖାଲିଥିବା ପଦବୀ ପୂରଣ ହେଉ ନାହିଁ ଏବଂ ଏହି ଚିକିତ୍ସାଳୟ ଗୁଡ଼ିକ ଆଜି ମଧ୍ୟ ଚାଳ ଛପର କିମ୍ବା ଝୁମ୍ପୁଡ଼ି ଘରେ କାର୍ଯ୍ୟ କରୁଛି। ରାଜଧାନୀରେ ହୋମିଓ ଚିକିତ୍ସା ସେବା ଯୋଗାଣରେ ପ୍ରମୁଖ ଭୂମିକା ଥିବା ଡ଼ା. ଅଭିନ୍ନ ଚନ୍ଦ୍ର ହୋମିଓପାଥୀ ମେଡ଼ିକାଲ କଲେଜ ଓ ହସ୍ପିଟାଲ୍ ଉପରେ ରାଜ୍ୟର ହଜାର ହଜାର ରୋଗୀ ଚିକିତ୍ସା ସେବା ପାଇଁ ନିର୍ଭର କରନ୍ତି। ଏଠାରେ ବହୁ ପଦବୀ ଖାଲି ପଡ଼ିଥିଲେ ହେଁ ମିସନ୍ କିମ୍ବା ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଏଠାରେ ଅର୍ଦ୍ଧାଧିକ ମଞ୍ଜୁରୀପ୍ରାପ୍ତ ପ୍ରଫେସର, ରିଡ଼ର୍, ଅଧ୍ୟାପକ ଓ ୩ୟ ତଥା ୪ର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ପଡ଼ିଛି। ଏଠାକାର ଭିତିଭୂମି ବିକାଶର ଅତ୍ୟନ୍ତ ଆବଶ୍ୟକତା ରହିଛି।

ରାଜ୍ୟରେ ଯୋଜନାର ଅଭାବ ନଥିବାବେଳେ ସରକାରୀ ସ୍ତରରେ ପ୍ରତିଦିନ ନୂଆ ନୂଆ ନିଷ୍ପତି ଓ ପଦକ୍ଷେପ ଘୋଷଣା କରାଯାଉଛି। ମିସନ୍‌ର ଅଜସ୍ର ଅନୁଦାନ ସତ୍ୱେ ଆମେ ଯଦି ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଧାରି ପାରିଲୁ ନାହିଁ, ତେବେ ଭଗବାନ୍ ବି ଆମକୁ କ୍ଷମା ଦେବେ ନାହିଁ। କୌଣସି ପ୍ରକଳ୍ପ, ଆଇନ୍ ଓ ପଦକ୍ଷେପ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ କାହିଁକି ଆଦର୍ଶ କରିପାରୁ ନାହିଁ, ତା' ଉପରେ ବ୍ୟାପକ ସମୀକ୍ଷା ହେବା ଉଚିତ। ଅଯଥା ରାଜନୈତିକ ହସ୍ତକ୍ଷେପ ଓ ପ୍ରଶାସନିକ ଅପାରଗତା ଯୋଗୁଁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସ୍ୱୟଂ ରୋଗଗ୍ରସ୍ତ ହୋଇ ଗଲାଣି। କାହିଁକି ଚିକିତ୍ସା ସେବାରେ ଉନ୍ନତି ହେଇ ପାରୁନି, କାହିଁକି ଆବଶ୍ୟକୀୟ ଭିତିଭୂମିର ଅଭାବ ଦେଖା ଦେଉଛି, ସେ ସଂପର୍କରେ କେହି ଭାବୁଛନ୍ତି କି ? ଆଇନଗତ ବ୍ୟବସ୍ଥାକୁ ମଜଭୁତ୍ ଏବଂ ସ୍ୱାସ୍ଥ୍ୟ ପ୍ରଶାସନକୁ ଲୋକାଭିମୁଖୀ କରାଇବାକୁ ଆନ୍ତରିକତାର ଆବଶ୍ୟକତା ରହିଛି। ଆଜି ପର୍ଯ୍ୟନ୍ତ କୌଣସି ଜଣେ ମନ୍ତ୍ରୀ କି ସଚିବ ନିଜ କରିସ୍ମା ବଳରେ ସ୍ୱାସ୍ଥ୍ୟ ବିଭାଗରେ ସାମାନ୍ୟତମ ପରିବର୍ତନ ଆଣି ପାରି ନାହାନ୍ତି କି ନୂଆ ସଂସ୍କାର। ଏଇମାତ୍ର ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ବହନ କରିଥିବା ବରିଷ୍ଠ ବିଧାୟକ ନବ କିଶୋର ଦାସ ଜଣେ ଅଭିଜ୍ଞ ଓ ନିଷ୍ଠାପର ବ୍ୟକ୍ତିତ୍ୱ। ତାଙ୍କର ରାଜନୀତିକ ଜୀବନ ଭିତରେ ସେ ଆଜି ପର୍ଯ୍ୟନ୍ତ ସଫଳ ହୋଇ ଆସୁଛନ୍ତି। ସେହି ଦୃଷ୍ଟିରୁ ସେ ସ୍ୱାସ୍ଥ୍ୟ ବିଭାଗରେ ବ୍ୟାପକ ସଂସ୍କାର ଆଣିବା ସହିତ ସରକାରୀ ନୀତି କାର୍ଯ୍ୟକାରୀ କରିବାରେ ସଫଳ ହୋଇ ପାରିବେ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

*ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଭୁବନେଶ୍ୱର*

## କଳିଙ୍ଗ ଷ୍ଟାଡିୟମରେ ଏଫଆଇଏଚ ସିରିଜ୍

# ଆଜି ଭାରତ-ରୁଷିଆ ମଧ୍ୟରେ ମୁକାବିଲା



ଭୁବନେଶ୍ୱର,୫।୬ (ସତ୍ୟବାଦୀ ନାୟକ) : ଜୁନ୍ ୬ରୁ ୧୫ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଏଫଆଇଏଚ ପୁରୁଷ ସିରିଜ୍ ଫାଇନାଲ ଖେଳାଯିବ । ୧୦ଦିନିଆ ଏହି ପ୍ରତିଯୋଗିତା ୨୦୨୦ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପରିସରଭୁକ୍ତ । ଏଥିରେ ୮ଟି ଦଳ ଆୟୋଜକ ଭାରତ ସମେତ ଜାପାନ, ମେକ୍ସିକୋ, ଆମେରିକା, ପୋଲାଣ୍ଡ, ଦକ୍ଷିଣ ଆଫ୍ରିକା, ରୁଷିଆ ଓ ଉଜ୍‌ବେକିସ୍ତାନ ସ୍ଥାନ ପାଇଛନ୍ତି । ଏହି ଦଳଗୁଡିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଏହି ପ୍ରତିଯୋଗିତାରେ ହିଁ ଆୟୋଜକ ଭାରତ ବିଶ୍ୱ ର୍‍ୟାକିଂର ଶ୍ରେଷ୍ଠ ଦଳ ତେଣୁ ଘରୋଇ ମାଟିରେ ଭାରତ ଏଫଆଇଏଚ ସିରିଜ୍ ଫାଇନାଲ ଟାଇଟଲ ଜିତି ସିଧାସଳଖ ଅଲିମ୍ପିକ୍ସ ଯୋଗ୍ୟତା ହାତେଇବାକୁ ଚେଷ୍ଟା କରିବ । ଏହି ଫାଇନାଲ୍ସ ପାଇଁ ହକି ଇଣ୍ଡିଆ ପକ୍ଷରୁ ୧୮ଜଣିଆ ଦଳ ଘୋଷଣା କରାଯାଇଛି । ମନପ୍ରିତ ସିଂହଙ୍କ ନେତୃତ୍ୱାଧୀନ ଦଳରେ ଦୁଇଜଣ ଓଡ଼ିଆ ଖେଳାଳି ଅଭିଜ୍ଞ ବିରେନ୍ଦ୍ର ଲାକ୍ରା ଓ ପ୍ରତିଭାଶାଳୀ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି । ବିରେନ୍ଦ୍ରଙ୍କୁ ଉପ ଅଧିନାୟକ ଦାୟିତ୍ୱ ଦିଆଯାଇଛି । ଅଗ୍ରଭାଗ ଖେଳାଳି ରମଣଦିପ ସିଂହ ଆଣ୍ଠୁ ଯନ୍ତ୍ରଣାରୁ ସୁସ୍ଥ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

ଅଭିଜ୍ଞ ଗୋଲ ରକ୍ଷକ ପି.ଆର. ଶ୍ରୀଜେସ ଓ କ୍ରୀଷ୍ଣନ ବି. ପାଠକ ଭାରତୀୟ ଗୋଲପୋଷ୍ଟ ସୁରକ୍ଷାରେ ରହିବେ । ହରମିନ ପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା, ସୁରେନ୍ଦର କୁମାର, ବରୁଣ କୁମାର, ଅମିତ ଓ ଗୁରିନ୍ଦର ସିଂହ ଦଳର ବ୍ୟାକ୍ ଲାଇନ୍‌ରେ ରହିବେ । ଭାରତୀୟ ଆକ୍ରମଣପନ୍ଥୀ ୯ମାସ ପରେ ଫେରିଥିବା ରମଣଦୀପଙ୍କ ସହ ମନଦୀପ ସିଂହ, ଗୁରୁସାହି ବଜିତସିଂହ, ସିମରନଜିତ ସିଂହ ଓ ଆକାଶଦୀପ ସିଂହଙ୍କୁ ନେଇ ଗଠିତ ହୋଇଛି । ମଧ୍ୟଭାଗରେ ମନପ୍ରୀତ ପ୍ରମୁଖ ଭୂମିକା ତୁଲାଇବେ । ତାଙ୍କ ସହ ଅଛନ୍ତି ହାର୍ଦ୍ଦିକ ସିଂହ, ବିବେକ ସାଗର ପ୍ରସାଦ, ସୁମିତ ଓ ନୀଳକାନ୍ତ ଶର୍ମା ରହିଛନ୍ତି ।

ଭାରତକୁ ପୁଲ୍ ଏରେ ରଖାଯାଇଛି । ଏହି ଗ୍ରୁପ୍‌ରେ ରୁଷିଆ, ପୋଲାଣ୍ଡ ଓ ଉଜ୍‌ବେକିସ୍ତାନ ଦଳ ମଧ୍ୟ ରହିଛି । ପୁଲ୍-ବିରେ ୧୮ତମ ଏସିଆଡ୍ ସ୍ୱର୍ଣ୍ଣପଦକ ଧାରୀ ଜାପାନ, ମେକ୍ସିକୋ, ଆମେରିକା ଯୁକ୍ତରାଷ୍ଟ୍ର ଓ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛି । ଭାରତ ଆସନ୍ତାକାଲି ରୁଷିଆ ବିପକ୍ଷରେ ଅଭିଯାନ ଆରମ୍ଭ କରିବ । ଟୁର୍ଣ୍ଣାମେଣ୍ଟ ଲାଗି ଭାରତୀୟ ଦଳର ପ୍ରସ୍ତୁତି ସଂପର୍କରେ କୋଚ ଗ୍ରାହମ ରିଡ୍ କହିଛନ୍ତି, ଟୁର୍ଣ୍ଣାମେଣ୍ଟରେ ପ୍ରଦର୍ଶନର ନିରନ୍ତରତା ଉପରେ ଆମର ଫୋକସ ରହିବ । ସର୍ବୋତ୍ତମ ଦଳ ହେବା ଉପରେ ଆମେ ଚେଷ୍ଟା କରିବୁ । ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସଠାରେ ଏହି ପୁରୁଷ ସିରିଜ୍ ଫାଇନାଲ୍ସ ଆରମ୍ଭ ହେବ ।

ଏହି ଅବସରରେ ମନପ୍ରିତ ସିଂ କହିଛନ୍ତି ଓଡ଼ିଶାର ହକି ପ୍ରେମୀଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି । ଫନିରେ ସାରା ସହର ଉଜୁଡି ଯାଇଥିଲେ ବି ଦୁଇ ହାତରେ ସେମାନେ ଆମକୁ ଭରପୁର ସ୍ୱାଗତ କରିଛନ୍ତି । ମୋର ଆଶା ଆଗାମୀ ପ୍ରତିଯୋଗିତାରେ ମଧ୍ୟ ପୁରା ଓଡ଼ିଶାବାସୀଙ୍କ ସମର୍ଥନ ମିଳିବ । ବାତ୍ୟା ଫନି ଯୋଗୁ ବିପର୍ଯ୍ୟସ୍ତ ଗ୍ରାଉଣ୍ଡକୁ ପୂର୍ବ ଅବସ୍ଥାକୁ ଫେରାଇ ଅଣାଯାଇଛି । ଏଥିପାଇଁ ଆୟୋଜକଙ୍କୁ ଧନ୍ୟବାଦ । ଓଡ଼ିଶାରେ ହକି ପ୍ରେମୀଙ୍କ ଗହଣରେ ଖେଳିବା ଯୋଗୁ ଆମ୍ଭମାନଙ୍କୁ ଆତ୍ମବିଶ୍ୱାସ ମିଳିଥାଏ । ଏହି ପ୍ରତିଯୋଗିତା ଖେଳି ଆମେ ଅଲମ୍ପିକ୍ସ ନିମନ୍ତେ ଯୋଗ୍ୟତା ଅର୍ଜନ କରିବାର ସୁଯୋଗ ପାଇବୁ ।

ଏଫଆଇଏଚ ହକି ସିରିଜ୍ ଫାଇନାଲ ଲାଗି ହକି ରାଜଧାନୀ ଭୁବନେଶ୍ୱରର ପ୍ରସ୍ତୁତି ଶେଷ ହୋଇଛି । ଏହି ଅବସରରେ ଅନୁଷ୍ଠିତ ଅଂଶଗ୍ରହଣକାରୀ ଦଳଙ୍କୁ ନେଇ ସାମ୍ବାଦିକ ସମ୍ମିଳନୀରେ ଭାଗ ନେଇ ଟୁର୍ଣ୍ଣାମେଣ୍ଟ ସଂପର୍କରେ ବିଭିନ୍ନ ରାଷ୍ଟ୍ରର ଖେଳାଳିମାନେ ନିଜ ନିଜର ମତ ବିନିମୟ କରିଥିଲେ । ପ୍ରକାଶ ଯୋଗ୍ୟ ଯେ, ଅଲମ୍ପିକର ଆୟୋଜକ ହିସାବରେ ଜାପାନ ଅଲମ୍ପିକ ଯୋଗ୍ୟତା ହାସଲ କରିସାରିଛି ।



ବିଶ୍ୱ ପରିବେଶ ଦିବସ ଅବସରରେ ବୁର୍ଲାସ୍ଥିତ ଏମ୍.ସି.ଏଲ୍ କାର୍ଯ୍ୟାଳୟ ପରିସରରେ ଶପଥପାଠ ଉତ୍ସବ ।

## ରେଳବାଇ ପକ୍ଷରୁ ପରିବେଶ ସଚେତନତା ଶୋଭାଯାତ୍ରା

ଭୁବନେଶ୍ୱର,୫।୬ (ନି.ପ୍ର) : ସ୍ୱଚ୍ଛ ରେଳ ସ୍ୱଚ୍ଛ ଭାରତ ଅଭିଯାନକୁ ଦୃଷ୍ଟିରେ ରଖି ବିଶ୍ୱ ପରିବେଶ ଦିବସ ଅବସରରେ ରେଳବାଇ କର୍ମଚାରୀମାନଙ୍କର ପ୍ରାୟ ୩୭୫ରୁ ଅଧିକ ପିଲା ଆଜି ପ୍ରାତଃ ସମୟରେ ଭାରତ ସ୍କାଉଟ ଓ ଗାଇଡ ସ୍ୱେଚ୍ଛାସେବୀମାନଙ୍କ ସହିତ ମିଶି ପ୍ରଭାତଫେରି କାର୍ଯ୍ୟକ୍ରମରେ ଯୋଗ ଦେଇ ସାଧାରଣ ଲୋକମାନଙ୍କୁ ପରିବେଶ ସମ୍ବନ୍ଧରେ ସଚେତନତାର ବାର୍ତ୍ତା ଦେଇଥିଲେ ।



ଛୋଟଛୋଟ ପିଲାମାନେ ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ବିଭିନ୍ନ ପ୍ରକାର ପରିବେଶ ସଚେତନତା ଓ ପ୍ରଦୂଷଣ ମୁକ୍ତ ପର୍ଯ୍ୟାବରଣର ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନତା କରାଇବା ସହିତ ବାୟୁ ଓ ପ୍ଲାଷ୍ଟିକ ପ୍ରଦୂଷଣ ଏବଂ ଏହାର ପ୍ରଭାବ ସମ୍ବନ୍ଧରେ ଲୋକମାନଙ୍କ ପାଖରେ ବାର୍ତ୍ତା ପହଞ୍ଚାଇଛନ୍ତି । ଏହି ଅବସରରେ ସ୍ୱଚ୍ଛ ପରିବେଶ ଗଠନ ଓ ପ୍ରଦୂଷଣ ମୁକ୍ତ ବାର୍ତ୍ତା ବିଷୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ଯେଉଁଥିରେ ବହୁ ସଂଖ୍ୟାରେ ପିଲାମାନେ ଅଂଶଗ୍ରହଣ କରିଥିଲେ । ପିଲାମାନଙ୍କୁ ମଧ୍ୟ ବୃକ୍ଷ ରୋପଣ ଓ ଏହାର ଯତ୍ନ ନେବା ପ୍ରତି ପ୍ରୋତ୍ସାହିତ କରାଯାଇଥିଲା ।

## ନାଲ୍‌କୋ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ଭୁବନେଶ୍ୱର,୫।୬ (ନି.ପ୍ର) : ନାଲ୍‌କୋ ପକ୍ଷରୁ ଆଜି ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କଂପାନୀ ପରିସରରେ ବୃକ୍ଷରୋପଣ କରାଯାଇ ପରିବେଶ ସଂପର୍କରେ ସଚେତନତା ସୃଷ୍ଟି କରାଯାଇଛି । କଂପାନୀର ନାଲକୋନଗରସ୍ଥିତ କଲୋନି ପରିସରରେ ନାଲକୋର ସିଏମ୍‌ଡି ଡ. ତପନ କୁମାର ଚାନ୍ଦ ବୃକ୍ଷରୋପଣ କରିଥିଲେ । ଏହା ବ୍ୟତୀତ କଂପାନୀର ନିର୍ଦ୍ଦେଶକ, ବରିଷ୍ଠ କର୍ତ୍ତୃପକ୍ଷ, କର୍ମଚାରୀ ତଥା କଲୋନୀର ପରିବାର ସଦସ୍ୟ ଏଥିରେ ଯୋଗ ଦେଇ ବିଭିନ୍ନ ଫଳ ଓ ଔଷଧୀୟ ବୃକ୍ଷ ରୋପଣ କରିଥିଲେ ।

## ପୁନଃ ନିଯୁକ୍ତି ଦାବିରେ ଏମ୍‌ସିଏସ୍ ସଂଯୋଜିକା ସଂଘର ଜରୁରୀ ବୈଠକ

ଭୁବନେଶ୍ୱର, ୫।୬ (ନି.ପ୍ର) : ଆଜି ଶିକ୍ଷକ ଭବନ ପ୍ରାଙ୍ଗଣରେ ଏକ ଏମ୍‌ସିଏସ୍ ସଂଯୋଜିକାମାନଙ୍କର ଏକ ରାଜ୍ୟସ୍ତରୀୟ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଶ୍ରୀଯୁକ୍ତ ରାଧାରମଣ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୩୦ଟି ଜିଲ୍ଲାରୁ ଆସିଥିବା ସଂଯୋଜିକାମାନଙ୍କୁ ପୁନଃ ସ୍ଥାୟୀ ନିଯୁକ୍ତି ଦେବା, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବାଳିକା ଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ ଓଡ଼ିଶାର ସମସ୍ତ ଜିଲ୍ଲାର ଶିକ୍ଷିତା ନାରୀମାନଙ୍କୁ ଏମ୍‌ସିଏସ୍ ସଂଯୋଜିକା ଭାବରେ ୨୦୦୩ ମସିହା ଠାରୁ ଦୀର୍ଘ ୧୦ ବର୍ଷ ପର୍ଯ୍ୟନ୍ତ ଖଟାଇ ଥିଲେ ମଧ୍ୟ ସେମାନଙ୍କୁ କାରଣ ନ ଦର୍ଶାଇ ଛଟେଇର ପ୍ରତିବାଦ ଏବଂ ତାଙ୍କୁ ସରକାରୀ ମାନ୍ୟତା ଦେବା ଉକ୍ତ ବୈଠକରେ ଆଲୋଚନା କରାଯାଇଥିଲା ।

## ଏସ୍‌ବିଆଇ ଏମ୍‌ଡି ପି.କେ. ଗୁପ୍ତାଙ୍କ ଓଡ଼ିଶା ଗସ୍ତ

# ପୁରୀ ଜିଲ୍ଲାରେ ଫନି ପ୍ରଭାବିତ ଏସ୍‌ବିଆଇ ଗ୍ରାହକମାନଙ୍କ ପ୍ରତି ସହଯୋଗର ଅନୁଧାନ



ଭୁବନେଶ୍ୱର,୫।୬ (ନି.ପ୍ର) : ଭାରତୀୟ ଷ୍ଟେଟ ବ୍ୟାଙ୍କର ମ୍ୟାନେଜିଂ ଡାଇରେକ୍ଟର, ପି.କେ. ଗୁପ୍ତାଙ୍କର ଓଡ଼ିଶା ଗସ୍ତ ଓ ବାତ୍ୟା ଫନି ପ୍ରଭାବିତ ପୁରୀ ଜନସାଧାରଣ ଓ କଷ୍ଟମର ମାନଙ୍କ ପାଇଁ ଦିଆଯାଇଥିବା ବିଭିନ୍ନ ସହଯୋଗର ଅନୁଧାନ । ଏହି ଅବସରରେ ଭାରତୀୟ ଷ୍ଟେଟବ୍ୟାଙ୍କ ଏମଡି ପି.କେ. ଗୁପ୍ତା ଓ ସିଜିଏମ୍ ଶ୍ରୀମତୀ ପ୍ରବୀଣା କାଲା ପୁରୀଠାରେ ଆୟୋଜିତ କରାଯାଇଥିବା ଏକ ରିଲିଫ୍ ଓ ରିହାବିଲେଟସନ କ୍ୟାମ୍ପରେ ଯୋଗଦାନ କରିଥିଲେ । ଶ୍ରୀ ଗୁପ୍ତା ସମ୍ପୂର୍ଣ୍ଣ ପୁନରୁଦ୍ଧାର କରାଯାଇଥିବା, ଫନି ଦ୍ୱାରା ପ୍ରଭାବିତ ଏକ ଏଟିଏମ୍‌କୁ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ଉତ୍ସର୍ଗିତ କରିଥିଲେ । ଯେଉଁ ସ୍ଥାନରେ ବିଜୁଳି ବ୍ୟବସ୍ଥା ଯୋଗାଇ ଦିଆଯାଇଛି, ସେଠାରେ ବ୍ୟାଙ୍କର ସମସ୍ତ ଶାଖା ଓ ଏଟିଏମ୍ ପରିଚାଳନା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ରମ ହୋଇଥିବା ବିଷୟକୁ ପ୍ରକାଶ କରିଥିଲେ । ଓଡ଼ିଶାକୁ ନୂତନ କରି ଗଢ଼ି ତୋଳିବା ପାଇଁ ସମୟ ଆସିଯାଇଅଛି ବୋଲି କହିବା ସଙ୍ଗେ ସଙ୍ଗେ ଭାରତୀୟ ଷ୍ଟେଟବ୍ୟାଙ୍କ ସଦା ସର୍ବଦା ଓଡ଼ିଶାର ଉନ୍ନତି ପଥରେ ଅଗ୍ରସର ପାଇଁ ସାଥିରେ ରହି ଆସିଅଛି ଓ ରହିଥିବ ବୋଲି ସେ ପ୍ରକାଶ କରିଥିଲେ ।

ଫନି ଦ୍ୱାରା ପ୍ରଭାବିତ ଅନେକ ଗ୍ରାହକମାନଙ୍କୁ ଦିଆଯାଇଥିବା ବିଭିନ୍ନ ସହାୟତା ବିଷୟରେ ଆଲୋକପାତ କରିଥିଲେ । ଇତିମଧ୍ୟରେ ଫନି ଦ୍ୱାରା ପ୍ରଭାବିତ ଗ୍ରାହକ ମାନଙ୍କ ମଧ୍ୟରୁ ପ୍ରାୟ ୧୧ହଜାର କଷ୍ଟମରଙ୍କୁ ପୁନଃଥଇଥାନ ଋଣ ଦିଆଯାଇଅଛି । ଏତଦ୍ ବ୍ୟତୀତ ଏସବିଆଇ ମଧ୍ୟ ୧୩ଶହ ଏସ୍‌ଏଚଜି ଋଣ, ୮ହଜାର ପିଏମ୍‌ଇଜିପି ଓ ମୁଦ୍ରା ଋଣ ଏବଂ ୨୦୦ ହିତାଧିକାରୀଙ୍କ ଋଣକୁ ପୁନର୍ଗଠନ କରାଯାଇଛି । ଏସ୍‌ବିଆଇ ମଧ୍ୟ ଆଗାମୀ ଦିନରେ ୫ଶହ ମତ୍ସ୍ୟଜୀବୀମାନଙ୍କୁ ସେମାନଙ୍କର ନଷ୍ଟ ହୋଇଥିବା ଡଙ୍ଗା ଓ ଜାଲ ଯୋଗାଇ ଦେବା ପାଇଁ ସ୍ଥିର କରିଛି । ୧୯ହଜାର ମଶାରୀ, ଫନି ଦ୍ୱାରା ପ୍ରଭାବିତ ବିଭିନ୍ନ ଅଞ୍ଚଳରେ ଗରିବ ଲୋକମାନଙ୍କୁ ଯୋଗାଇ ଦିଆଯାଇଥିବା ବିଷୟ ସ୍ଥିର ହୋଇଥିବା ଘୋଷଣା କରିଥିଲେ । ଫନି ଦ୍ୱାରା ବହୁ ପରିମାଣରେ ନଷ୍ଟ ହୋଇଥିବା ଅନେକ ଗଛର ଭରଣ କରିବା ପାଇଁ ରାଜ୍ୟରେ ଥିବା ସମସ୍ତ ୮୭୨ ଶାଖା ଦ୍ୱାରା ଅତି କମ୍‌ରେ ୧୦୦ଟି ଲେଖାଏଁ ଚାରା ରୋପଣ କରାଯିବା ପାଇଁ ମନସ୍ଥ କରାଯାଇଥିବା ସୂଚନା ଦେଇଥିଲେ । ଏହି ସଭାରେ ପରିଚାଳନା ନିର୍ଦ୍ଦେଶକ ପି.କେ. ଗୁପ୍ତା ଓ ସିଜିଏମ୍ ଶ୍ରୀମତୀ ପ୍ରବୀଣା କାଲାଙ୍କ ସମେତ ବ୍ୟାଙ୍କର ଅନେକ ଉଚ୍ଚପଦସ୍ଥ ଅଫିସର ଉପସ୍ଥିତ ଥିଲେ ।

## ଏନଟିପିସି ଦ୍ୱାରା ପର୍ଯ୍ୟାବରଣ ଦିବସ ପାଳିତ



ଭୁବନେଶ୍ୱର, ୫।୬ (ନି.ପ୍ର) : ଏନଟିପିସି ପକ୍ଷରୁ ଏହାର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳନ କରାଯାଇଅଛି । ସଂଜୀବ କିଶୋର, କ୍ଷେତ୍ରୀୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଆର-୨)ଙ୍କ ଦ୍ୱାରା ପୋଖରୀପୁଟସ୍ଥିତ ଗେଷ୍ଟ ହାଉସ୍ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ଏହି ଅବସରରେ ଏନଟିପିସିର ବହୁ ଉତ୍ସାହୀ କର୍ମଚାରୀ ମଧ୍ୟ ବୃକ୍ଷରୋପଣ କରିଥିଲେ ।

ବୃକ୍ଷରୋପଣ ପୂର୍ବରୁ ସଂଜୀବ କିଶୋର, ସମସ୍ତ ଏନଟିପିସି କର୍ମଚାରୀଙ୍କୁ ପର୍ଯ୍ୟାବରଣ ଶପଥପାଠ କରାଇଥିଲେ । ଏନଟିପିସିର କର୍ମଚାରୀମାନଙ୍କୁ ଏକ ବାର୍ତ୍ତାରେ ପ୍ରକାଶ ତିୱାରୀ, ନିର୍ଦ୍ଦେଶକ (ଅପରେସନ୍ସ) କହିଲେ ଯେ, ଜଣେ ଦାୟିତ୍ୱବାନ କର୍ପୋରେଟ ନାଗରିକ ହିସାବରେ ଏନଟପିସି କେବଳ ମାତ୍ର ଯନ୍ତ୍ରପାତିଗୁଡିକର ସ୍ଥାପନ ଏବଂ ଉନ୍ନତିକରଣ, ବୃକ୍ଷରୋପଣ, ପ୍ଲାଷ୍ଟିକର ଉପଯୋଗ ହ୍ରାସ କରି ପରିବେଶ ଉପରେ ପ୍ରତିକୂଳ ପ୍ରଭାବକୁ କମ୍ କରୁନାହିଁ, ବରଂ ତତ୍ ସହିତ ନବୀକରଣ ଶକ୍ତିର ଉତ୍ପାଦନ ବୃଦ୍ଧି କରି ପରିବେଶ ସୁରକ୍ଷା କ୍ଷେତ୍ରରେ ସହାୟକ ହେଉଅଛି । ଏହି ଅବସରରେ ଶ୍ରୀ ତିୱାରୀ ସମସ୍ତଙ୍କୁ ଆହ୍ୱାନ ଦେଇ କହିଲେ ଯେ, କେବଳ ନିଜ ପାଇଁ ନୁହେଁ ବରଂ ଭବିଷ୍ୟତ ପ୍ରଜନ୍ମମାନଙ୍କ ନିମନ୍ତେ ପରିବେଶକୁ ସୁରକ୍ଷିତ ରଖିବା ନିମନ୍ତେ ଆମ ସମସ୍ତଙ୍କୁ ସହଯୋଗର ହାତ ବଢ଼ାଇବାକୁ ହେବ ।

## ଜେଏସ୍‌ପିଏଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ଅନୁଗୋଳ,୫।୬ (ନି.ପ୍ର) : ଆଜି ପ୍ରତ୍ୟୁଷରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲିମିଟେଡ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରିବା ଅବସରରେ ଅନେକ ଗୁଡିଏ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସବୁଜ ମାରାଥନର ଆୟୋଜନ ସହ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜିନ୍ଦଲନଗର ପରିସର ତଥା ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ଅନୁଷ୍ଠିତ ହୋଇଥିଲା । ଏହି ସମାରୋହରେ ଜେଏସ୍‌ପିଏଲ୍ ଇଡି-ମେଣ୍ଟେନାନ୍ସ ସୁରେଶ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଦେଖାଇ ସବୁଜ ମାରାଥନର ଶୁଭାରମ୍ଭ କରିଥିଲେ । ଏହି ଗଣ ଦୌଡରେ ଜେଏସ୍‌ପିଏଲ୍‌ର ସଭାପତି ତଥା ଆଇରନ ମେକିଂ ଜୋନର ମୁଖ୍ୟ ଦାମୋଦର ମିତ୍ତଲ, ଇଭିପି ଏ.ଏନ୍. ତିୱାରୀ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁଗୋଳ ଆଞ୍ଚଳିକ ଅଫିସର ଉପ-ପରିବେଶ ବିଭାଗ ଯନ୍ତ୍ରୀ ରାକେଶ କୁମାର ମହାନ୍ତି, ଯୋଗ ଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ତଥା ବିଭିନ୍ନ ବିଭାଗୀୟ ମୁଖ୍ୟ କର୍ମଚାରୀ ଏବଂ ତାଙ୍କ ପରିବାରବର୍ଗଙ୍କ ସହ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ମଧ୍ୟ ଉପସ୍ଥିତ ଥିଲେ ।



ଏହି ମାରାଥନରେ ଅଂଶଗ୍ରହଣ କରିଥିବା ପ୍ରତିଭାଗୀମାନେ 'ବାୟୁ ପ୍ରଦୂଷଣ'କୁ ପରାସ୍ତ କରିବା ସହ ନିରନ୍ତର ପ୍ରଗତି ନିମନ୍ତେ ଶପଥପାଠ କରିବା ସାଙ୍ଗକୁ ସମୂହ ବୃକ୍ଷରୋପଣରେ ଅଂଶଗ୍ରହଣ କରିଥିଲେ ।

ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଜନସାଧାରଣଙ୍କୁ ଆହ୍ୱାନ କରି ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଜିର ଏହି ଅବସରରେ ଅନ୍ୟୁନ ଗୋଟିଏ ବୃକ୍ଷ ରୋପଣ କରିବା ପାଇଁ ଅନୁରୋଧ କରିଥିଲେ ।

ଜେଏସ୍‌ପିଏଲ୍‌ର ପରିବେଶ ପରିଚାଳନା ବିଭାଗର ମୁଖ୍ୟ ଆଲୋକ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ରଚନା ଏବଂ କୁଇଜରେ ବିଦ୍ୟାଳୟର ବିଭିନ୍ନ ବର୍ଗର ଛାତ୍ରଛାତ୍ରୀ ଗୃହିଣୀ ଏବଂ କର୍ମଚାରୀମାନେ ବହୁଳ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ । ପରିଶେଷରେ କୃତି ପ୍ରତିଭାଗୀମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।


Printed and Published by Sitesh Kumar Rout _ owned by Manthan Printers Private Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9437004473, 9437024883 **Email : odishamanthan@gmail.com**

● **Editor : Sarat Raut** Managing Editor - Bibhuti Bhusan Patra

ପରିଚାଳନା ସମ୍ପାଦକ: ବିଭୂତି ଭୂଷଣ ପାତ୍ର **ସଂପାଦକ: ଶରତ ରାଉତ**